

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୭ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 DECEMBER 2021

Vol.No. 32 ■ No. 322 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଅଜୟ ମିଶ୍ରାଙ୍କ ବହିଷ୍କାର ଦାବିରେ ସଂସଦ ଅଚଳ

ନୂଆଦିଲ୍ଲୀ,୧୬/୧୨: ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିବା ଘଟଣା ପୁଣିଥରେ ଦେଶର ରାଜନୀତିକୁ ସରଗରମ କରିଦେଇଛି । ଘଟଣାର ତଦନ୍ତ କରୁଥିବା ଏସ୍‌ଆଇଟି ଏହାକୁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କହିବା ପରେ କେନ୍ଦ୍ର ସରକାରଙ୍କୁ ଘାଇଲା କରିଛନ୍ତି ବିରୋଧୀ । ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ଘଟିଥିବା ଏହି ଲୋମହର୍ଷଣକାରୀ ଘଟଣାରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ଗିରଫ ହୋଇଛନ୍ତି । ସେ ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଏସ୍‌ଆଇଟି କହିଥିବାରୁ ବିରୋଧୀ ଅଜୟ ମିଶ୍ରାଙ୍କ ବହିଷ୍କାର ଦାବି କରିଛନ୍ତି । ଆଜି ସଂସଦର ଉଭୟ ଗୃହରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଛନ୍ତି । ହଟଗୋଳ ଯୋଗୁ ଉଭୟ ଗୃହକୁ ଦିନ ୨ଟା ଯାଏ ମୁଲତବୀ ଘୋଷଣା କରାଯାଇଛି । ବିରୋଧୀ ଅଜୟ ମିଶ୍ରାଙ୍କ ବହିଷ୍କାର ଦାବି କରୁଥିଲେ ମଧ୍ୟ ସରକାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି । କେନ୍ଦ୍ର ସରକାର ଅଜୟ ମିଶ୍ରାଙ୍କ ବିରୋଧରେ କୌଣସି ପ୍ରକାରର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ମୁଡରେ ନଥିବା ଜଣାପଡ଼ିଛି । ସରକାରୀ ସୂତ୍ର ଅନୁସାରେ, ସରକାର ଓ ବିଜେପି ଏସ୍‌ଆଇଟି ରିପୋର୍ଟକୁ ପୂରା ମାମଲାର ଚୂଡ଼ାନ୍ତ ରାୟ ବୋଲି ଗ୍ରହଣ କରୁନାହିଁ । ଏସ୍‌ଆଇଟି ଘଟଣାର ତଦନ୍ତ କରି ଅକ୍ଟୋବର ୩ରେ ଚାଷୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା ବୋଲି କହିଛି । ହେଲେ ସରକାର ତଦନ୍ତର ପୂରା ରାୟକୁ ଅପେକ୍ଷା କରିଛନ୍ତି । ସେହିପରି ଚାଷୀଙ୍କ ଉପରେ ଗାଡ଼ି ମଡ଼ା ଯିବା ଘଟଣାରେ ପୁଲିସ୍ ଆଶିଷଙ୍କୁ ଗିରଫ କରିଛି । ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଛି । ଅଜୟ ମିଶ୍ରାଙ୍କ ସଂପୃକ୍ତି ନେଇ ଏଯାଏ କୌଣସି ପ୍ରମାଣ ମିଳିନି । ତେଣୁ ଅଜୟ ମିଶ୍ରା ଏବେ ବି ସରକାରଙ୍କ ଗୁଡବୁକ୍‌ରେ ଅଛନ୍ତି । ତେବେ ଅଜୟ ମିଶ୍ରା ବୁଧବାର ଜଣେ ସାମ୍ବାଦିକଙ୍କ ସହ ଦୁର୍ବ୍ୟବହାର କରିଥିବାରୁ ଏହାକୁ ବିଜେପି ହାଇକମାଣ୍ଡ ନାପସନ୍ଦ କରିଛନ୍ତି । ଜଣେ ସାମ୍ବାଦିକ ତାଙ୍କୁ ଏସ୍‌ଆଇଟି ରିପୋର୍ଟ ବିଷୟରେ ପଚାରିବାକୁ ଶ୍ରୀ ମିଶ୍ରା ଚିହିଁକି ଉଠିଥିଲେ । ଏବେ ଦଳ ପକ୍ଷରୁ ତାଙ୍କୁ ତାଗିଦ କରାଯିବା ସହ ସଂଯମତା ରକ୍ଷା କରିବାକୁ କୁହାଯାଇଛି । ସରକାର ଅଜୟ ମିଶ୍ରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ସେ ମଧ୍ୟ ଆଜି ନିଜ ବିଭାଗର ଅଧିକାରୀଙ୍କ ସହ ବୈଠକ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଅନ୍ୟପକ୍ଷରେ ଆଜି ସଂସଦ ଭିତରେ ଓ ବାହାରେ ଅଜୟ ମିଶ୍ରାଙ୍କ ବିରୋଧରେ ଗର୍ଜିଛନ୍ତି ବିରୋଧୀ । ଲୋକସଭାରେ ରାହୁଲ ଗାନ୍ଧି କହିଛନ୍ତି, "ମନ୍ତ୍ରୀଙ୍କୁ ବହିଷ୍କାର କରାଯାଉ କିମ୍ବା ସେ ଇସ୍ତଫା ଦିଅନ୍ତୁ । ସେ ଜଣେ ଅପରାଧୀ । ଆମକୁ ଲଖିମପୁର ଖେରିରେ ଘଟିଥିବା ହତ୍ୟା ବାବଦରେ କହିବାକୁ ଅନୁମତି ମିଳୁ । ପୂରା ଘଟଣାରେ ମନ୍ତ୍ରୀଙ୍କ ଭୂମିକା ରହିଛି । ତେଣୁ ଏସ୍‌ଆଇଟି ଘଟଣା ପଛରେ ଷଡ଼ଯନ୍ତ୍ର ଥିବା କହିଛି ।" କେବଳ ରାହୁଲ ଗାନ୍ଧି ନୁହନ୍ତି ଏକାଧିକ ବିରୋଧୀ ଦଳର ନେତା ମଧ୍ୟ ମୁଲତବୀ ନୋଟିସ ଦେଇ ଗୃହରେ ଆଲୋଚନା କରିବାକୁ ଚାହୁଁଛନ୍ତି । ହେଲେ ବାଚସ୍ପତି ଏଥିପାଇଁ ଅନୁମତି ଦେଉ ନଥିବାରୁ ଏହାକୁ ନେଇ ହଟଗୋଳ ଦେଖିବାକୁ ମିଳିଛି । ଗୃହ ବାହାରେ ମଧ୍ୟ ବିରୋଧୀ ଦଳଗୁଡ଼ିକ ଅଜୟ ମିଶ୍ରାଙ୍କ ବହିଷ୍କାର ଦାବି କରି ବିକ୍ଷୋଭ କରିଛନ୍ତି ।

ପଞ୍ଚାୟତ ପରେ ପୌର ନିର୍ବାଚନ ପ୍ରସ୍ତୁତି

ଭୁବନେଶ୍ୱର , ୧୬/୧୨ (ନି.ପ୍ର): ପଂଚାୟତ ନିର୍ବାଚନ ପରେ ପରେ ପୌର ନିର୍ବାଚନ ହେବାର ସମ୍ଭାବନା ରହିଛି । ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ । ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାକୁ ଇଭିଏମ ମେସିନ ପଠାଯାଇଛି । ଗତକାଲି ମଧ୍ୟ ୫ଟି ଜିଲ୍ଲାକୁ ଯାଇଛି ଇଭିଏମ ।ରାଜ୍ୟର ୧୦୫ ପୌରାଂଚଳରେ ନିର୍ବାଚନ ହେବାକୁ ଅଛି । ଏହାସହ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ମଧ୍ୟ ନିର୍ବାଚନ ହେବାର ଅଛି । ତେବେ ଆଇନଗତ ପ୍ରକ୍ରିୟା କାରଣରୁ ସମ୍ବଲପୁର ଓ ରାଉରକେଲାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନଥିବା ସୂଚନା ମିଳିଛି । ଆସନ୍ତା ମାର୍ଚ୍ଚ ୧୧ତାରିଖରେ ପଂଚାୟତ ସମିତି ସ୍ତରୀୟ ନିର୍ବାଚିତ ପ୍ରତିନିଧି ଏବଂ ମାର୍ଚ୍ଚ ୧୨ରେ ଜିଲ୍ଲା ପରିଷଦ ସଦସ୍ୟମାନଙ୍କ କାର୍ଯ୍ୟକାଳ ଶେଷ ହେଉଛି । ତେଣୁ ଏହା ପୂର୍ବରୁ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ହେବ । ଏହା ପରେପରେ ପୌର ନିର୍ବାଚନ କରାଇବାକୁ ନିର୍ବାଚନ କମିସନ୍ ପ୍ରସ୍ତୁତି କରୁଛନ୍ତି । ଜିଲ୍ଲାଗୁଡ଼ିକୁ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟରୁ ଇଭିଏମ ଓ ଅନ୍ୟାନ୍ୟ ନିର୍ବାଚନୀ ଉପକରଣ ପଠାଇବା କାମ ଆରମ୍ଭ ହୋଇଛି । ପଂଚାୟତ ନିର୍ବାଚନ ବାଲଟବକ୍ସରେ ହେଉଥିବା ବେଳେ ଇଭିଏମ ପଠାଯାଇଥିବାରୁ ଏହାକୁ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି କରାଯାଉଥିବା ଜଣାଯାଇଛି ।

ଖଣି ବିଭାଗର ୧୫ କର୍ମଚାରୀ କରୋନା ପଜିଟିଭ୍

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଇସ୍ପାତ ଓ ଖଣି ବିଭାଗର ୧୫ ଜଣ କର୍ମଚାରୀ ଗୁରୁବାର ଦିନ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । କରେନା ଭାଇରସର ନୂଆ ଭାରିଆଣ୍ଟ ଓମିକ୍ରନ୍ ପାଇଁ ସମସ୍ତଙ୍କର ଚିନ୍ତା ଥିବା ବେଳେ ଏକକାଳୀନ ଗୋଟିଏ ବିଭାଗର ୧୫ ଜଣ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହୋଇଥିବାରୁ କର୍ମଚାରୀମାନେ ଭୟଭୀତ ହୋଇଯାଇଛନ୍ତି । ତେବେ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତାକାଲି ଅଫିସ୍ ବନ୍ଦ ରଖାଯାଇଛି । ଏହି ସମୟ ମଧ୍ୟରେ କାର୍ଯ୍ୟାଳୟକୁ ସାନିଟାଇଜ୍ କରାଯିବ । କର୍ମଚାରୀମାନେ ରୋଷ୍ଟର ଡ୍ୟୁଟି କରିବେ । କିଛି କର୍ମଚାରୀ ଘରୁ ଅନଲାଇନରେ କାମ କରିବେ । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୯୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୨୬ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ମୁହଁ ଖୋଲିଲେ ଗାଙ୍ଗୁଲି

ନୂଆଦିଲ୍ଲୀ, ୧୬/୧୨ (ନି.ପ୍ର): ଭାରତୀୟ କ୍ରିକେଟରେ ଏବେ କିଛି ଠିକ୍ ଚାଲିନାହିଁ । ବୁଧବାର ଭାରତୀୟ ଟେଷ୍ଟ ଟିମର କ୍ୟାପଟେନ୍ ବିରାଟ୍ କୋହଲି ପ୍ରେସ୍ କନଫରେନ୍ସ କରି ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ମନ୍ତବ୍ୟକୁ ଭୁଲ୍ ବୋଲି କହିଥିଲେ । ଗୁରୁବାର ଗାଙ୍ଗୁଲି ପ୍ରଥମଥର ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି । ଗାଙ୍ଗୁଲି କହିଛନ୍ତି ଯେ ସେ ଏହି ପ୍ରସଙ୍ଗରେ କିଛି କମେଣ୍ଟ ଦେବାକୁ ଚାହୁଁନାହାନ୍ତି । ଏହି ମାମଲାକୁ ଏବେ ବିସିସିଆଇ ସମାଧାନ କରିଦେବ ବୋଲି ସେ କହିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଗାଙ୍ଗୁଲି କହିଛନ୍ତି, ମୁଁ କିଛି ପ୍ରତିକ୍ରିୟା ଦେବାକୁ ଚାହୁଁ ନାହିଁ । ଆମେ ଏହାକୁ ଆମ ଉପାୟରେ ସମାଧାନ କରିବୁ । ଏସବୁକୁ ବିସିସିଆଇ ଉପରକୁ ଛାଡ଼ି ଦିଆଯାଉ । କୁହାଯାଉଛି ଯେ ବିରାଟ୍ କୋହଲିଙ୍କ ସେହି ମନ୍ତବ୍ୟରେ ବିସିସିଆଇ ଅଧ୍ୟକ୍ଷ ଗାଙ୍ଗୁଲି ଅସନ୍ତୋଷ ପ୍ରକାଶ କରିଛନ୍ତି । ବିସିସିଆଇ ସୂତ୍ର ଅନୁସାରେ କୋହଲିଙ୍କୁ ସେପ୍ଟେମ୍ବରରେ ଟି-୨୦ କ୍ୟାପଟେନ୍ ପଦ ନଛାଡ଼ିବାକୁ କୁହାଯାଇଥିଲା । ମୋଟ ୯ ଜଣ ଲୋକଙ୍କ ସାମ୍ନାରେ ଏହି କଥା କୁହାଯାଇଥିଲା, ଯେଉଁଥିରେ ସୌରଭ ଗାଙ୍ଗୁଲି, ବିସିସିଆଇ ସମ୍ପାଦକ ଜୟ ଶାହ ଓ ସୀମିତ ଓଭର କ୍ୟାପଟେନ୍ ରୋହିତ୍ ଶର୍ମା ଉପସ୍ଥିତ ଥିଲେ । ହେଲେ ବୁଧବାର କୋହଲି ପ୍ରେସ କନଫରେନ୍ସ କରି ଏସବୁ କଥାକୁ ଖାରଜ ▶▶ପୃଷ୍ଠା ୭

କୁଲଗାମ ଏନକାଉଂଟରରେ ଦୁଇଜଣ ଲସ୍କର-ଇ-ତୋଏବା ଆତଙ୍କବାଦୀ ନିହତ

କୁଲଗାମ, ୧୬/୧୨ (ନି.ପ୍ର): ଗୁରୁବାର ସକାଳେ କୁଲଗାମ ଜିଲ୍ଲାର ରେଡ଼ୱାନି ଅଂଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀ ମଧ୍ୟରେ ହୋଇଥିବା ଏନକାଉଂଟରରେ ଦୁଇଜଣ ଲସ୍କର-ଇ-ତୋଏବା ଆତଙ୍କବାଦୀଙ୍କୁ ସୁରକ୍ଷାବାହିନୀ ହତ୍ୟା କରିଥିଲେ । ନିହତ ଆତଙ୍କବାଦୀମାନେ କୁଜେର ୟାରିପୋରାର ବଶିର ଦାରଙ୍କ ପୁଅ ଅମିର ବଶିର ଏବଂ କୁଲଗାମର ସୁରସୋନା ହାତିପୋରା ନିବାସୀ ମହମ୍ମଦ ୟୁସୁଫଙ୍କ ପୁଅ ଆଦିଲ ଅହମ୍ମଦ ଶାନ ବୋଲି ଜଣପଡ଼ିଛି । ଉଭୟ ଆତଙ୍କବାଦୀଙ୍କୁ ହତ୍ୟା କରିବା ପରେ ସୁରକ୍ଷା ବାହିନୀ ଅନ୍ୟ ଆତଙ୍କବାଦୀଙ୍କ ଉପସ୍ଥିତିକୁ ଭୟ ନ କରି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ ଏବଂ ଯେତେବେଳେ ଏହି ଅଂଚଳରେ ଅନ୍ୟ କୌଣସି ଆତଙ୍କବାଦୀ ନ ଥିବାର ନିଶ୍ଚିତ ହୋଇଥିଲେ ସେତେବେଳେ ସୁରକ୍ଷାବାହିନୀ ଚାଲିଯାଇଥିଲେ ।

ଅଡିଓବାର୍ତ୍ତା ଜାରି କଲେ ସୁମିତ

ବ୍ରହ୍ମପୁର,୧୬/୧୨ (ନି.ପ୍ର): ବ୍ରହ୍ମପୁର ଡାକ୍ତର ଦମ୍ପତି ସୁମିତ ସାହୁ ଓ ତପସ୍ୱିନୀ ଦାଶଙ୍କ ବିବାଦ ନାଟକିୟ ମୋଡ଼ ନେଇଛି । ଆସିକା ଗେଷ୍ଟ ହାଉସରୁ ହଠାତ୍ ସୁମିତ ପଳାଇବା ପରେ ତପସ୍ୱିନୀ ଆରୋପ ପରେ ଆରୋପ ଲଗାଇ ଚାଲିଛନ୍ତି । ଏହାର ଉତ୍ତର ଦେବାକୁ ଯାଇ ସୁମିତି ଆଜି ଅଡିଓବାର୍ତ୍ତା ଜାରି କରିଛନ୍ତି । ଯାହାର ଜବାବ ରଖିଛନ୍ତି ତପସ୍ୱିନୀ । କହିଛନ୍ତି, ନରମିନି । ଆସିକା ଗେଷ୍ଟ ହାଉସ୍?ରୁ ଫେରାର ହେବା ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ବିବାଦରେ ଛନ୍ଦି ହୋଇପଡ଼ିଥିବା ଡାକ୍ତର ସୁମିତ ସାହୁ । ଅଡ଼ିଓ ବାର୍ତ୍ତା ଜାରି କରି ସୁମିତ କହିଛନ୍ତି, ଶାରୀରିକ ଓ ମାନସିକ ଭାବେ ମୁଁ ସମ୍ପୂର୍ଣ୍ଣ ଅସୁସ୍ଥ ଅଛି । ▶▶ପୃଷ୍ଠା ୭

ବିବାହ ବୟସରେ ପରିବର୍ତ୍ତନ କଲେ କେନ୍ଦ୍ର ସରକାର
୨୧ବର୍ଷ ପୂର୍ବରୁ ଝିଅଙ୍କ ବିବାହ ମନା

ନୂଆଦିଲ୍ଲୀ,୧୬/୧୨: ବଦଳିଲା ଝିଅଙ୍କ ବିବାହ ବୟସ ନିୟମ । ୧୮ ପରିବର୍ତ୍ତେ ଝିଅଙ୍କ ସର୍ବନିମ୍ନ ବିବାହ ବୟସ ସୀମା ୨୧ ହୋଇଛି । କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି । ଅର୍ଥାତ ଝିଅଙ୍କ ବିବାହ ୨୧ ବର୍ଷ ପୂର୍ବରୁ ହେବା ବେଆଇନ୍ । ଏହା ସମସ୍ତ ଧର୍ମ ଓ ବର୍ଗ ପାଇଁ ଲାଗୁ ହେବ । କ୍ୟାବିନେଟର ଏହି ନିଷ୍ପତି ପରେ ପୁଅ ଏବଂ ଝିଅଙ୍କ ବିବାହ ବୟସ ୨୧ ହୋଇଛି । ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସ ଅବସରରେ ଝିଅଙ୍କ ବିବାହ ବୟସ ସୀମା ବଢାଇବା ନେଇ ଇଙ୍ଗିତ କରିଥିଲେ । ଏହାପରେ ୧୦ ଜଣିଆ ଟାସ୍କ ଫୋର୍ସ ଗଠିତ ହୋଇଥିଲା । ଏହି ଟିମ୍ ସ୍କୁଲ-କଲେଜ, ଆଇନ ବିଶେଷଜ୍ଞ, ନାଗରିକ ସଂଗଠନ ଗୁଡିକର ପରାମର୍ଶ ନେଇଥିଲେ । ଏହାପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା ଏହି ଟିମ୍ । ବିବାହ ବୟସରେ ପରିବର୍ତ୍ତନ ପାଇଁ ମୁଖ୍ୟତଃ ୪ଟି ଆଇନରେ ସଂଶୋଧନ ହେବ । ଏଥିପାଇଁ ଟାସ୍କଫୋର୍ସ କେନ୍ଦ୍ର ସରକାରଙ୍କ ପାଖରେ ସୁପାରିଶ କରିଛି । ଅନ୍ତିମ ଥର ପାଇଁ ୧୯୭୮ରେ ବିବାହ ଆଇନରେ ପରିବର୍ତ୍ତନ ହୋଇଥିଲା । ଏହା ପୂର୍ବରୁ ଶାରଦା ଆକ୍ଟ ୧୯୨୯ରେ ପରିବର୍ତ୍ତନ ହୋଇ ବିବାହ ବୟସ ସୀମା ୧୫ରୁ ୧୮ ହୋଇଥିଲା । ୟୁନିସେଫର ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତିବର୍ଷ ୧୫ ଲକ୍ଷ ଝିଅ ୧୮ ବର୍ଷରୁ କମ୍ ବୟସରେ ବିବାହ ହେଉଛି । ପୂର୍ବ ଜନଗଣନା ରିପୋର୍ଟ ଅନୁଯାୟୀ ୧୮ରୁ ୨୧ ବର୍ଷ ମଧ୍ୟରେ ଦେଶରେ ଯୁବତୀଙ୍କ ସଂଖ୍ୟା ୧୬ କୋଟି ଥିଲା ।

ଚିତରଞ୍ଜନଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ୍

ଭୁବନେଶ୍ୱର,୧୬/୧୨(ନି.ପ୍ର): ବଢୁଛି ଚିତରଞ୍ଜନଙ୍କ ମୃତ୍ୟୁ ରହସ୍ୟ । କେମିତି ହେଲା ସଞ୍ଜୟଙ୍କ ସହଯୋଗୀ ଚିତଙ୍କ ମୃତ୍ୟୁ ? ଏନେଇ ସବୁଦିନ ଭିନ୍ନ ଭିନ୍ନ ଦିଗ ସାମ୍ନାକୁ ଆସୁଥିବା ବେଳେ ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ । ଆଉ ଇତି ମଧ୍ୟରେ ଚିତରଞ୍ଜନଙ୍କ ଘରେ ପହଞ୍ଚିଛି କ୍ରାଇମବ୍ରାଞ୍ଚ ଟିମ୍ । ତେବେ ସଞ୍ଜୟଙ୍କ ସହଯୋଗୀ ଚିତରଞ୍ଜନ ମୃତ୍ୟୁ ମାମଲା ଖୋଳତାଡ କରିବାକୁ ଚିତରଞ୍ଜନ ପଲେଇଙ୍କ ଘରେ ପହଞ୍ଚିଲା କ୍ରାଇମବ୍ରାଞ୍ଚ ଟିମ୍ । ସାନବନ୍ଧକେରା ଗାଁରେ କ୍ରାଇମବ୍ରାଞ୍ଚ ଟିମ ପହଞ୍ଚି ଛାନଭିନ୍ କରୁଛି । ମୃତ ଚିତଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ପଚରାଉଚରା କରାଯାଉଥିବା ସୂଚନା ମିଳିଛି । ଆଜି ସଞ୍ଜୟଙ୍କ ସହଯୋଗୀ ମୃତ ଚିତରଞ୍ଜନ ମାମଲାର ଛାନ୍ ଭିନ୍ କରିବାକୁ ପୁରୀ ବାସେଳୀ ସାହି ଥାନରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ଟିମ । ପ୍ରଥମେ ଗଡମୃଗଶିରାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା କ୍ରାଇମବ୍ରାଞ୍ଚ । ୪ ଜଣିଆ ଟିମ୍ ଭାର୍ଗବୀ ନଦୀକୂଳରେ ପହଞ୍ଚି ଘଟଣାସ୍ଥଳର ଅନୁଧ୍ୟାନ କରିଥିଲେ । ଯେଉଁ ବ୍ରିଜ୍ ନିକଟରୁ ଚିତରଞ୍ଜନଙ୍କ ମୃତଦେହ ମିଳିଥିଲା ସେହିଠାରୁ ତଦନ୍ତ ଆରମ୍ଭ ହୋଇଛି । ସଂଜୟ ଦାସବର୍ମାଙ୍କ ସହଯୋଗୀ ଚିତରଞ୍ଜନ ପଲେଇ ମୃତ୍ୟୁ ମାମଲା ତଦନ୍ତଭାର ହାତକୁ ନେବା ପରେ କ୍ରାଇମବ୍ରାଞ୍ଚ ତନାଘନା ତଦନ୍ତ ଚଳାଇଛି ।

ଡେଲ୍‌ଟାଠୁ ୫ ଗୁଣା ଅଧିକ ସଂକ୍ରାମକ ଓମିକ୍ରନ



ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ବାହାର ଦେଶରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ କଡା ନଜର ରଖିଛି । ପଜିଟିଭ ଚିହ୍ନଟ ହେଉଥିବା ବ୍ୟକ୍ତିଙ୍କ ପାଇଁ ସରକାରୀ ବ୍ୟବସ୍ଥା ଥିବା ହସ୍ପିଟାଲରେ ସ୍ୱତନ୍ତ୍ର ବ୍ଲକ କରାଯିବ । ଯେପରି ଅନ୍ୟ ରୋଗୀଙ୍କ ସହ ସଂସ୍ପର୍ଶରେ ନଆସିବେ, ସେନେଇ ବ୍ୟବସ୍ଥା କରାଯିବ । ସେମାନଙ୍କ ପାଇଁ ହୋମ ଆଇସୋଲେଶନ ବ୍ୟବସ୍ଥା ନଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର । ସେ କହିଛନ୍ତି ଯେ, ଓମିକ୍ରନ ଡେଲ୍‌ଟାଠୁ ୫ ଗୁଣା ଅଧିକ ସଂକ୍ରମଣ କରୁଛି । କେତେ ହସ୍ପିଟାଲାଇଜେସନ ହେବ , କେତେ ଗୁରୁତର ହେବ ଜଣାପଡିନି । କିନ୍ତୁ ସାଧାରଣତଃ କୋଭିଡ ଭଳି ଲକ୍ଷଣ ପ୍ରକାଶ ପାଉଛି । ଭାକ୍‌ସିନ୍ ଉପରେ ଏହାର ପ୍ରଭାବ କଣ ରହିବ, ସେନେଇ ବିଚାରାଧୀନ ରହିଛି । ତେବେ ବର୍ତମାନ ଅଧିକ ରୋଗୀ ନଥିବାରୁ ସ୍ୱତନ୍ତ୍ର କୋଭିଡ ହସ୍ପିଟାଲକୁ ଅତିରିକ୍ତ ମୋଡ଼ରେ ରଖାଯାଇଛି । ଆବଶ୍ୟକ ସ୍ଥଳେ ଏହାକୁ କାର୍ଯ୍ୟକାରୀ ହୋଇପାରିବ । ସେହିପରି ସ୍ଥାନୀୟ ଲୋକ ପ୍ରତିନିଧି, ଗାଁର ମୁଖିଆ ବି ସୂଚନା ଦେଲେ ସର୍ଭିଲାନ୍ସକୁ ଆଣି ଟେଷ୍ଟ କରାଯିବ । ସରକାର ସୁବିଧା ଲାଗି ପୋର୍ଟାଲରେ ପଞ୍ଜିକରଣ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଖୋଜିକି ବାହାର କରୁଛନ୍ତି ବୋଲି ସେ କହିଛନ୍ତି ।

ଛାତ୍ର କଂଗ୍ରେସ ନେତାଙ୍କୁ ବିଜେଡି କର୍ମୀଙ୍କ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବିଜେଡ଼ିର ଦଳୀୟ ସଭାରେ ଦାରୁଠେଙ୍ଗ ଠାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ବଂଟନକୁ ଛାତ୍ର କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ଆନ୍ଦୋଳନକାରୀ ଛାତ୍ର କଂଗ୍ରେସ ନେତାଙ୍କୁ ବିଜେଡି କର୍ମୀମାନେ ମାଡ ମାରିଥିବା ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ଛାତ୍ର କଂଗ୍ରେସ ପକ୍ଷରୁ ଚନ୍ଦକା ଥାନାରେ ଏତଲା ଦିଆଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ ଅଭିଯୋଗ କରିଛନ୍ତି ଯେ ଲୋକଙ୍କ ଟିକସ ପଇସାରେ ବିଜୁ ସ୍ୱାସ୍ଥ୍ୟ ଯୋଜନ

ଏମଏନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରିଣୀ ବୈଠକ

ପଟ୍ଟାମୁଣ୍ଡାଇ,୧୬/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଂଚଳର ସର୍ବ ପୁରାତନ ଶିକ୍ଷା ଅନୁଷ୍ଠାନ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ (ଏମଏନ ହାଇସ୍କୁଲ) ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ସଂସଦ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରହିତରେ ଅନୁଷ୍ଠିତ ଏହି ସଭାରେ ବହୁ ପୁରାତନ ଛାତ୍ର ତଥା ସଂସଦର କାର୍ଯ୍ୟକର୍ତା ଯୋଗଦେଇ ସ୍କୁଲର ବିଭିନ୍ନ ଉନ୍ନତି ପାଇଁ ଆଲୋଚନା କରିଥିଲେ । ଏହି ବୈଠକରେ ଏକ ଅଡିଟୋରିୟମ ହଲ୍ ର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେବାକୁ ସରକାରଙ୍କ ନିକଟକୁ ପ୍ରସ୍ତାବ ଯିବାକୁ ସ୍ଥିର କରାଯାଇଥିଲା । ଏଥିପାଇଁ ସଭ୍ୟମାନଙ୍କ ପାଖରୁ ଆଦାୟ ହୋଇଥିବା ଅର୍ଥ ୧୦ ଲକ୍ଷ ୪୬ ହଜାର ଟଙ୍କା ମୋ ସ୍କୁଲ ଯୋଜନାରେ ଜମା କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ବେହୁରା, ଡକ୍ଟର କେଳୁଚରଣ ସ୍ୱାଇଁ, ଡ଼ଃ. ବୈଷ୍ଣବ ଚରଣ ସିଂ, ବିଶ୍ୱନାଥ ଧଳ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ନୃସିଂହ ପ୍ରସାଦ ଚୌଧୁରୀ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ଆରାଧନା ଦାଶ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କଣ୍ଟୁରୀ ଚରଣ ସ୍ୱାଇଁ, ରାଜେନ୍ଦ୍ର କୁମାର ଦାଶ, ବିଜୟ କୁମାର ସାହୁ, ତପନ କୁମାର ମିଶ୍ର, ଅକ୍ଷୟ କୁମାର ବିଶ୍ୱାଳ, ଅଶୋକ ଜେନା, ରାଜେନ୍ଦ୍ର ପ୍ରସାଦ ସିଂହ, ସଂଜୟ ବର୍ମା, ଅକ୍ଷୟ ପରିଡା, ଧିରେନ୍ଦ୍ର ମଲ୍ଲିକ, ଆଇନଜୀବୀ ପ୍ରମୋଦ କୁମାର ସାହୁ, ଶିଶିର ମଲ୍ଲିକ ଓ ତ୍ରିଲୋଚନ ଜେନାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ପୁରାତନ ସ୍କୁଲର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସ୍କୁଲର ପ୍ରତିଷ୍ଠା ଦିବସ ପାଳନ କରାଯିବାକୁ ଅଧିକ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ଗତ ୮ ତାରିଖ ବୁଧବାର ତାମିଲନାଡୁରେ ସେନା ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ ଜେନେରାଲ ବିପିନ ରାଓ୍ୱତଙ୍କ ସମେତ ୧୨ ଜଣ ସହିଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପାର୍ଥନା କରାଯାଇଥିଲା । ଶେଷରେ କମିଟିର କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଣଧାନ ଶସ୍ୟର ଅମଳ ପରବର୍ତ୍ତୀ ପ୍ରକ୍ରିୟା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

ଜୟପୁର,୧୬/୧୨ (ନି.ପ୍ର): ଓଡିଶା ସରକାରଙ୍କ ଅଣୁ ଜଳ ସେଚନ ଓ ଶସ୍ୟ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ଆଧାର କରି କୁନ୍ଦୁରା ବ୍ଲକ ବାଗଦେରି ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଏମଏସ ସ୍ୱାମିନାଥନ ଗବେଷଣା ପ୍ରତିଷ୍ଠାନ ତରଫରୁ ଅଣ ଧାନ ଶସ୍ୟ ଅମଳ ପରବର୍ତ୍ତି ପକ୍ରିୟା କରଣ ଓ ବିକ୍ରୟ ସମ୍ପର୍କିତ ଏତି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କୁନ୍ଦୁରାର ବାଗଦେରି ଓ ଜିରାଗୁଡା କ୍ଲଷ୍ଟରୁ ୫୦ ଜଣ ପ୍ରଶିକ୍ଷାର୍ଥି ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାମାନାଥନ ପ୍ରତିଷ୍ଠାନର ନିଦ୍ଦେଷକ ଏମଏମ ହୁସେନ, କୁନ୍ଦୁରା ବ୍ଲକର ଅତିରିକ୍ତ କୃଷି ଅଧିକାରି ଅଇନ ବିଷୋୟୀ, ସରପଂଚ ଅଭୀ ସାନ୍ତା, ସିଟି ଆରଏଏନର ଜିଲା ଅଧିକାରି ଅଭିଷେକ ଲିମା, ଗ୍ରାମ ସେବକ ଶୁଶାନ୍ତ ବିଡିକା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜକ ପ୍ରଶାନ୍ତ କୁମାର ପରିଡା ପରିଚାଳନା କରିଥିଲେ । ପ୍ରଶିକ୍ଷକ ଓ ଅତିଥି ମାନେ ମାଣ୍ଡିଆ ଓ ମକାର ଅମଳ ପରବର୍ତ୍ତି ଯତ୍ନ ପ୍ରକ୍ରିଆ କରଣ ବଜାର ବ୍ୟବସ୍ଥା ଉପରେ ଉପସ୍ଥିତ ଚାଷି ମାନଙ୍କୁ ତାଲିମ ଦେଇଥିଲେ । ମାଣ୍ଡିଆକୁ ମଣ୍ଡିରେ ବିକିବା ପାଇ ଆବଷ୍ୟକ ଗୁଣାତ୍ମକ ମାନ ଏଫଏକ୍ୟୁ ମାଧ୍ୟମରେ ପରୀକ୍ଷଣ ମାଧ୍ୟମରେ ବୁଝାଇଥିଲେ । ମାଣ୍ଡିଆ ଓ ମକାରେ ଜଳିଅ ଅଂଶ କିପରି ଭାବେ ୧୦ ରୁ ୧୨ ଦିନ ମଧ୍ୟରେ ରଖାଯାଇ ପାରିବ ଓ ତାର ଗୁଣାତ୍ମକ ମାନ ଗୁଡିକ କିପରି ବଜାୟ ରଖିହେବ ଯାହା ପଳରେ କି ଜଣେ ଚାଷି ଅଧିକ ମୁଲ୍ୟ ପାଇ ପାରିବ ସେ ଦିଗରେ ପ୍ରଶିକ୍ଷକ ମାନେ ଗୁରୁତ୍ୱ ଆରୋପ କରିଥିଲେ । ଏହି ପ୍ରକଳ୍ପରେ ସାମିଲ ଥିବା ୩ଟି ମହିଳା ସ୍ୱୟଂ ସହାୟିକ ଦଳ କୁଡୁମପଦର ଶ୍ରୀକ୍ରିଷ୍ଣା ମହିଳା ସ୍ୱୟଂ ସହାୟକ ଦଳ, ବଗଦେରିର ମରିୟମ ସ୍ୱୟ ସହାୟକ ଦଳ ଓ ବୈରବି ସ୍ୱୟଂ ସହାୟକ ସଭ୍ୟା ମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କାର୍ଯ୍ୟ ବିଷୟରେ ବୁଝାଯାଇଥିଲା । ଏହି କାର୍ଯ୍ୟକ୍ରମ ଆୟୋଜନରେ ଏମଏସସ୍ୱାମନାଥନ ଗବେଷଣା ପ୍ରତିଷ୍ଠାନର କର୍ମକତା ସିଟି ଆରଏଏନର କର୍ମକତା ଓ ବ୍ଲକ କୃଷି ବିଭାଗର କର୍ମଚାରି ମାନେ ସହ ଯୋଗ କରିଥିଲେ ।

ବିଦ୍ୟୁତ ଖୁଂଟରୁ ପଡ଼ି କର୍ମଚାରୀ ଗୁରୁତର

ମାଲକାନଗିରି,୧୬/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାର ଖଇରପୁଟରେ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ ଖୁଂଟରୁ ପଡ଼ି ଜଣେ ବିଭାଗୀୟ କର୍ମଚାରୀ ଗୁରୁତର ଆହତ ହେବାରୁ ତାଙ୍କୁ କୋରାପୁଟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଖଇରପୁଟ ଗ୍ରାମର ଏକ ବିଦ୍ୟୁତ ଖୁଂଟ ଉପରେ ଗଛ ପଡ଼ି ଯାଇଥିଲା । ତେଣୁ ବିଭାଗୀୟ କର୍ମଚାରୀମାନେ ଗଛ କାଟିବା ପାଇଁ ଘଟଣାସ୍ଥଳରେ ପହଂଚିଥିଲେ । କର୍ମଚାରୀମାନେ ଗଛକୁ କାଟିବା ପରେ ଦିବାକର ପ୍ରଧାନ ନାମକ ଜଣେ କର୍ମଚାରୀ ବିଦ୍ୟୁତ ଖୁଂଟ ଉପରେ ଚଢ଼ି ବିଦ୍ୟୁତ ତାର ସଜାଡୁଥିଲେ । ଏହି ସମୟରେ ବିଦ୍ୟୁତ ଖୁଂଟ ଭାଙ୍ଗି ଯିବାରୁ ଦିବାକର ତଳେ ପଡ଼ି ଯାଇଥିଲେ ଏବଂ ତାଙ୍କ ଉପରେ ବିଦ୍ୟୁତ ଖୁଂଟ ପଡ଼ି ଯାଇଥିଲା । ଏଥିଯୋଗୁ ଦିବାକରଙ୍କ ହାତ ଭାଙ୍ଗି ଯିବା ସହ ଶରୀରରେ ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା । ପରେ ଦିବାକରଙ୍କୁ କୋରାପୁଟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

ଆରମ୍ଭ ହେଲା ଖରିଫ ଧାନମଣ୍ଡି : ରତାଲି ଓ ଢ଼ାମଣାହାଣ୍ଡିଠାରେ ମଣ୍ଡିର ଶୁଭାରମ୍ଭ

ଜୟପୁର,୧୬/୧୨ (ନି.ପ୍ର): କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଖରିଫ ଧାନ ମଣ୍ଡି ଆରମ୍ଭ ହୋଇଛି । ପ୍ରଥମ ଦିନରେ ବୋରିଗୁମ୍ମା ବ୍ଲକର ରତାଲି ଓ କୋଟପାଡ଼ ବ୍ଲକର ଢ଼ାମଣାହାଣ୍ଡି ଠାରେ ମଣ୍ଡିର ଶୁଭାରମ୍ଭ ହୋଇଛି । ରତାଳି ମଣ୍ଡିକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଏସସିଏସଓ ଉର୍ମିଳା ନାୟକ ଯୋଗଦେଇ ଶୁଭ ଉଦଘାଟନ କରିଛନ୍ତି । ପ୍ରଥମ ଦିନରେ ଦୁଇଟି ମଣ୍ଡିରେ ୪୦ଜଣ ଚାଷୀଙ୍କୁ ଧାନବିକ୍ରି ପାଇଁ ଟୋକେନ୍ ମିଳିଛି । କୋଟପାଡ଼ ଠାରେ ମନ୍ତ୍ରୀ ପଦ୍ମିନୀ ଦିଆନ, ସିଏସଓ ପ୍ରମୁଖ ଯୋଗଦେଇ ଖରିଫ ଧାନ ମଣ୍ଡିର ଶୁଭାରମ୍ଭ କରିଛନ୍ତି । ପ୍ରଥମ ଦିନରେ ଦୁଇଟି ମଣ୍ଡିରୁ ୪୦ ଜଣ ଚାଷୀଙ୍କ ଠାରୁ ୪୦୦୦ କୁଇଟାଂଲ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛ । ହେଲେ ଧାନ କ୍ରୟ ହୋଇପାରିନି । ଚଳିତ ମାସ ୧୮ ତାରିଖ ଠାରୁ ଜୟପରେ ଉପଖଣ୍ଡର ଜୟପୁର, ବୈପାରିଗୁଡା, କୁନ୍ଦ୍ରା, କୋଟପାଡ଼ ଓ ବୋରିଗୁମ୍ମା ବ୍ଲକରେ ଧାନ କିଣା ଆରମ୍ଭ ହୋଇଛି । ଚଳିତ ବର୍ଷ ଲେମ୍ପସ ,ଏସଏଚଜି ଏବଂ ପାଣି ପଚାଂୟତ ମାଧ୍ୟମରେ ଧାନ କ୍ରୟ ହେବ । ପ୍ରତି ମଣ୍ଡିରେ ଦିନ ୮ଟା ଠାରୁ ୨ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବ । ପ୍ରତି ମଣ୍ଡିରେ ଜଣେ ଚାଷୀ ୩୦୦୦ କୁଇଂଟାଲ ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ । ପରବର୍ତୀ ସମୟରେ ଚାଷୀ ୫୦୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ । ଜୟପୁର ଉପଖଣ୍ଡରେ ମୋଟ୍ ୭୭ଟି ମଣ୍ଡି ଅନୁଷ୍ଠିତ ହେଉଛି । ଏଥି ପାଇଁ ୩୮ ହଜାର ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି । ହେଲେ ଲେମ୍ପସ କର୍ମଚାରୀ ମାନେ ଧାନ କିଣାରେ ସାମିଲ ହେବା ନେଇ ସନ୍ଦେହ ଦେଖା ଦେଇଛି । ସେପଟେ ଏହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ସଜାଗ ରହିଥିବା ବେଳେ ଚଳିତ ବର୍ଷ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି କହିଛନ୍ତି ଏସସିଏସଓ ଉର୍ମିଳା ନାୟକ । ଅନ୍ୟପଟେ ଚାଷୀ କିପରି ତାର ଧାନ ଠିକ୍ ରେ ବିକ୍ରି କରିବ ସେଥିପାଇଁ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହ ଚଳିତ ବର୍ଷ କଟନୀ ଛଟନି ବନ୍ଦ କରିବା ପାଇଁ ଯୋଗାଣ ବିଭାଗ ଦୃଷ୍ଟି ଦେବା ଦରକାର ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀ ପତି କହିଛନ୍ତି । ସେପଟେ ଖରିଫ ଋତୁରେ ହେଉଥିବା ୭୭ ଟି ମଣ୍ଡି ମଧ୍ୟରୁ ଅଧିକାଂଶ ସ୍ଥାନରେ ସୁ ବନ୍ଦବସ୍ତ ହୋଇପାରିନି । ଚାଷୀଙ୍କୁ ଉଚିତ ଭିତିଭୁମି ଯୋଗାଇ ଦେବା ପାଇଁ ନିୟନ୍ତ୍ରିତ ବଜାର କମିଟିକୁ ଦାୟିତ୍ୱ ଦିଆଯାଇଛି । ହେଲେ ଆଜି ପର୍ଯ୍ୟନ୍ତ ଅନେକ ମଣ୍ଡିରେ ଭିତିଭୁମି ନାହିଁ । ଚାଷୀଙ୍କ ଠାରୁ ମଣ୍ଡିରେ ୨ ପ୍ରତିଶତ ହିସାବରେ ତିନି ବର୍ଷରେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଛି ।ଏହାକୁ ତୁରନ୍ତ ସମସ୍ତ ମଣ୍ଡିର ଭିତିଭୂମି ପାଇଁ ଖର୍ଚ୍ଚ କରିବାକୁ ଅ ।ରଏମସିକୁ କୁହାଯାଇଛି । ଚାଷୀ ନିଜ ବସ୍ତା ଦେବାକୁ ନାରାଜ, ଆଉ କଟନୀ ଛଟନି ବନ୍ଦ ନକଲେ ଧାନ ବିକ୍ରି କରିବୁନି ବୋଲି କହିଛନ୍ତି ଚାଷୀ । ପ୍ରତି ବର୍ଷ ଚାଷୀଙ୍କ ଧାନର ଏଫଏକ୍ୟୁ ମାନ ନିର୍ଦ୍ଧାରଣ ପାଇଁ ସମସ୍ୟା ଦେଖା ଦେଉଥିଲା । କିନ୍ତୁ ଚଳିତ ବର୍ଷ ମଣ୍ଡିରେ ନୂତନ ମେସିନ ବି ଆସିଛି ତେଣୁ ଚାଷୀ ନିଜ ଧାନର ମାନ ନିଜେ ଜାଣିପାରିବେ । ଏହାକୁ ସ୍ୱାଗତ କରିଛନ୍ତି ସ୍ଥାନୀୟ ଚାଷୀ । ପ୍ରତି ବର୍ଷ ଖରିଫ ମଣ୍ଡିରେ ଚାଷୀ ଅସନ୍ତୋଷ କାରଣରୁ ଧାନ ଉଠେଇବା ନେଇ ପ୍ରଶାସନ ନାକେଦମ ହେଉଛି । ଏଭଳି ସ୍ଥିତିରେ ଚଳିତ ବର୍ଷର ଧାନ ମଣ୍ଡି ଆରମ୍ଭ ହୋଇଛି । ଚାଷୀ ଙ୍କ ଧାନ କେତେ ଶୀଘ୍ର ଉଠି ପାରୁଛି ତାହା ଏବେ ଦେଖିବାର କଥା ।

କନିଷ୍ଠ ରେଡ଼କ୍ରସ ଶାଖା ଗଠିତ

ଜୟପୁର,୧୬/୧୨ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଉଦଲଗୁଡା ଓ କେରିମିଟି ଏବଂ ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ବାଷ୍ପେରିରେ ଜୁନିୟର ରେଡ଼କ୍ରସ ଶାଖା ଗଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଜୁନିୟର ରେଡ଼କ୍ରସ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରୁ କ୍ରିୟାଶୀଳ କରିବା ନିମନ୍ତେ ଆଜି କୁନ୍ଦୁରା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ଖଟଲାପଦର, ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ କୁନ୍ଦୁରା, ଅନନ୍ତ ବିଦ୍ୟାପୀଠ ଡଙ୍ଗରପାଉଁସି, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଉଦଲଗୁଡା, କେରିମିଟି, ଶ୍ରୀ ଜଗନ୍ନାଥ ବିଦ୍ୟାପୀଠ ବାଷ୍ପେରି ପରିଦର୍ଶନ କରି ବିଦ୍ୟାଳୟର ଜୁନିୟର ରେଡ଼କ୍ରସ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ନୂତନ ଭାବେ ଗଠିତ ହୋଇଥିବା ବିଦ୍ୟାଳୟମାନଙ୍କରେ କିଭଳି ବିଦ୍ୟାଳୟ ଜୁନିୟର ରେଡ଼କ୍ରସ କମିଟି ଗଠନ ହେବ ସେ ବିଷୟରେ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଇଥିଲେ । କୁନ୍ଦୁରା ବ୍ଲକର ଜୁନିୟର ରେଡ଼କ୍ରସ ସଂଯୋଜିକା ଭାନୁମତି ଖୋରା ମଧ୍ୟ ବ୍ଲକରେ କିପରି ରେଡ଼କ୍ରସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶଦାତା ମାନଙ୍କୁ ଅନୁରୋଧ କରିଥିଲେ । ଛାତ୍ରଛାତ୍ରୀମାନେ ସେବାରୂପୀ ମନ୍ତ୍ରରେ ଉଦବୁଦ୍ଧ ହୋଇ ରେଡ଼କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ଚିନ୍ତାଧାରା, ବିବେକ ଓ ବ୍ୟକ୍ତିତ୍ୱ, ସଂଯମତା ଏବଂ ଏକାଗ୍ରତାର ବିକାଶ ଘଟାଇବା ସହିତ ଚରିତ୍ର ଗଠନର ସୁଯୋଗ ପାଇପାରିବେ ବୋଲି ଉପରୋକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନେ ମତବ୍ୟକ୍ତ କରିଥିଲେ । ଜୁନିୟର ରେଡ଼କ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନେ ରେଡ଼କ୍ରସ କାର୍ଯ୍ୟକ୍ରମକୁ ନିଜ ନିଜ ବିଦ୍ୟାଳୟରେ ତ୍ୱରାନ୍ୱିତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ସାଲେପୁର ବ୍ଲକ ଅଂଚଳରେ ଅନେକ ଗୁଡିଏ ପାନୀୟ ଜଳ ପ୍ରକଳ୍ପ ଅଚଳ

ସାଲେପୁର,୧୬/୧୨ (ନି.ପ୍ର): ଆଉ କିଛି ଦିନ ପରେ ପଚାଂୟତ ନିର୍ବାଚନ ବିଗୁଲ ବାଜିବାକୁ ଯାଉଥିବା ବେଳେ ଦୀର୍ଘ ୨୨ ବର୍ଷର ଶାସନରେ ଥିବା ଶାସକ ଦଳ ବିଧାୟକଙ୍କ କର୍ତ୍ତାରେ ସାଲେପୁର ବ୍ଲକ । ଏହି ବ୍ଲକ ଅଂଚଳରେ ଦେଖିବାକୁ ମିଳୁଛି ପାନୀୟ ଜଳ ସମସ୍ୟା । ସରକାର ଖାଦ୍ୟ, ବସ୍ତ୍ର, ବାସଗୃହ ଏହିଭଳି ଭାବରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଗରିବ ଲୋକମାନଙ୍କୁ ଯୋଗାଇ ଦେବା ପାଇଁ ଅଙ୍ଗୀକାରବଦ୍ଧ ଥିବା ବେଳେ ସାଲେପୁର ବ୍ଲକର ରାମକୃଷ୍ଣପୁର ଗ୍ରାମପଂଚାୟତର ୧ ଲକ୍ଷ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ କରାଯାଇଛି । ଏହି ପାଣି ଟାଙ୍କି ବାଲିସମଳା, ହୀରାପୁର, ରାମକୃଷ୍ଣପୁର ପ୍ରଭୃତି ଲୋକମାନଙ୍କୁ ଜଳ ଯୋଗାଇ ଦେବା ପାଇଁ ବାଲିସମଳାଠାରେ ନିର୍ମାଣ କରାଯାଇଥିଲା । ଏହା ଦୀର୍ଘ ଦିନ ହେବ ଅଚଳ ହୋଇ ପଡିରହିଛି । ଫଳରେ ଏହି ତିନୋଟି ଗ୍ରାମର ଲୋକମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି । ସେହିପରି ଆଉ ଏକ ପାନୀୟ ଜଳ ପ୍ରକଳ୍ପ କଟରପା ଠାରେ ୯.୫.୨୦୧୭ ରେ ପୂର୍ବତନ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ କରକମଳରେ ଶୁଭ ଉଦଘାଟନ ହୋଇଥିଲା । ଏହି ଉତ୍ସବରେ ସେ ସମୟର ପୂର୍ବତନ ଅଧକ୍ଷ କଟକ ଜିଲ୍ଲାପରିଷଦ ପ୍ରଶାନ୍ତ କୁମାର ବେହେରା ମଧ୍ୟ ଯୋଗଦେଇଥିଲେ । ଦୀର୍ଘ ୪ ବର୍ଷ ହେଲା କଟରପା ଠାରେ ସାଂସଦଙ୍କ ଦ୍ୱାରା ଉଦଘାଟିତ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିରହିଛି । ଯାହା ଦେଖିବାକୁ ମିଳୁଛି ସାଲେପୁର ବ୍ଲକରେ ଲୋକମାନେ ବିଶୁଦ୍ଧ ପାନୀୟ ପାଇବାରୁ ବଂଚିତ ହେଉଛନ୍ତି । ସରକାରଙ୍କ ଯୋଜନା ସାଲେପୁର ବ୍ଲକରେ ପ୍ରହସନରେ ପରିଣତ ହୋଇଯାଇଛି । ସରକାର କା ମାଲ୍ ଦରିଆ ମେ ଡାଲ । ଏହି ଉକ୍ତିରେ ନୂଆ ନୂଆ ପ୍ରୋଜେକ୍ଟ କରି ଶାସକ ଦଳ ସହ ଠିକାଦାର ମଧୁଚନ୍ଦ୍ରିକା କରି ଲୁଟି ଖାଇବାରେ ମାହୀର୍ ବୋଲି ଲୋକେ କହୁଛନ୍ତି ।

+ବର୍ଷ ପରେ ବର୍ଷ ଗଡି ଚାଲିଛି ବାସଚ୍ୟୁତଙ୍କ ସମସ୍ୟା ସମାଧାନ କରିବାରେ ଜିଲ୍ଲା ପ୍ରଶାସନ ବିଫଳ

ରାଉରକେଲା,୧୬/୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ତିଆରି ବେଳେ ବାସହରା ହୋଇଥିବା ସ୍ଥାନୀୟ ବାସିନ୍ଦା ମାନେ ନିଜ ପରିବାରରୁ ଜଣକୁ ଚାକିରୀ ଦାବିରେ ଦିର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ରାଉରକେଲାରେ ଶାନ୍ତିପୁର୍ଣ୍ଣ ଭାବେ ଆନ୍ଦୋଳନ କରି ଆସୁଛନ୍ତି । ଜିଲ୍ଲା ପ୍ରଶାସନର ଅନେକ ଅଧିକାରୀ ଯାଉଛନ୍ତି ଆସୁଛନ୍ତି ହେଲେ ଆଜିଯାଏ ବାସଚ୍ୟୁତ ମାନଙ୍କୁ ଚାକିରୀ ଦେବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଆଜି ପୁଣି ଏହି ବାସଚ୍ୟୁତ ମାନଙ୍କୁ ଉଦିତନଗର ପଡିଆରେ ଏକତ୍ରିତ ହୋଇ ବସିଥିବାର ଦେଖାଯାଇଛି । ଏହାର ଇତିହାସକୁ ଯଦି ଦେଖାଯାଏ ୨୦୦୭ ମସିହାରେ ଏହି ଆନ୍ଦୋଳନ ଆରମ୍ଭ ହୋଇ ୨୦୦୯ରେ ଉଗ୍ରରୁପ ଧାରଣ କରିଥିଲା, ଏଥିଲାଗି ଇକୋନୋମିକ ବ୍ଲକେଟ ସହ ବହୁ ପୋଡାଜଳା ମଧ୍ୟ ହୋଇଥିଲା,ତା ସହିତ ଗିରଫଦାରୀ ଅନେକ ହେବା ସହ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା । ପରେ ବାସଚ୍ୟୁତ ମାନଙ୍କୁ କୁହାଗଲା ଆବେଦନ କରିବା ପାଇଁ । ପ୍ରାୟ ୮ ହଜାର ଫର୍ମ ଏଥିଲାଗି ପଡିଥିବା ବେଳେ ୧୪୬ ବାସଚ୍ୟୁତଙ୍କୁ ସେତେବେଳେ ଚାକିରୀ ଦେବାକୁ ତାଲିକା କରାଯାଇଥିଲା, ତାହାରି ଭିତରେ ଅନେକ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଆରଡିସି ଆସି ବଦଳୁଥିବା ସହ ଅନେକ ଅବସର ମଧ୍ୟ ନେଇ ସାରିଲେଣି, ସରକାର ମଧ୍ୟ ପରିବର୍ତନ ହୋଇସାରିଲାଣି, କିନ୍ତୁ ଏହି ବାସଚ୍ୟୁତ ମାନଙ୍କ ସମସ୍ୟାର ସମାଧାନ ହୋଇ ପାରିନାହିଁ ଆନ୍ଦୋଳନ ଜାରି ରିହିଛି । ତେଣୁ ଏମାନେ ଶାନ୍ତିପୁର୍ଣ୍ଣ ଭାବେ ଖାଡା କୁକୁରଙ୍କ ନେତୃତ୍ୱରେ ବିଭିନ୍ନ ସମୟରେ ଏଡିଏମ ଅଫିସ ଆଗରେ ବସି ନିଜର ଦାବି ରଖି ଚାଲିଛନ୍ତି । ନିକଟ ଅତିରେ ଏମାନଙ୍କ ଲାଗି ଆରଡିସିଙ୍କ ସହ କଥାବାର୍ତା ଲାଗି ବାରମ୍ବାର ଉଦ୍ୟମ ହୋଇଛି । ଆରଏସପି କର୍ତୃପକ୍ଷ ମଧ୍ୟ ମିଟିଂକୁ ଆସି ଏନେଇ ଦିଲ୍ଲୀକୁ ଜଣାଇବୁ ବୋଲି କହି ସମୟ ନେଇଛନ୍ତି କିନ୍ତୁ ଫଳ ଶୁନ୍ । ଖାଲି ସେତିକି ନୁହେଁ ଜିଲ୍ଲାରେ ଥିବା ସାଂସଦ, ବିଧାୟକ ମାନେ ଏନେଇ ଆନ୍ତରିକ ଉଦ୍ୟମ ନକରିବା ମଧ୍ୟ ଏହାର ସମାଧାନ ନ

ଇ- ଶପିଙ୍ଗରେ ଦେବାକୁ ହେବ ଆଧାର ନମ୍ବର!

ଅନଲାଇନ ସାମଗ୍ରୀ ମଗାଇବା ପାଇଁ ଖୁବଶୀଘ୍ର ଆଧାର ନମ୍ବର ବାଧ୍ୟତାମୂଳକ ହେବ ଏବଂ ଏଥିରେ କେବଳ ୫ହଜାର ଟଙ୍କାର ଇମ୍ପୋର୍ଟେଡ୍ଗିଫ୍ଟ ମଗାଯାଇପାରିବ ବୋଲି ଜଣାପଡ଼ିଛି । ବିଦେଶରୁ ଆସୁଥିବା ସାମଗ୍ରୀଗୁଡ଼ିକ ଯାଞ୍ଚ ପରିସରଭୁକ୍ତ କରିବା ଲାଗି କେନ୍ଦ୍ର ସରକାର ପ୍ରସ୍ତୁତି ଚଳାଇଛନ୍ତି । ସରକାରଙ୍କ ନଜରରେ ବିଶେଷକରି ଚୀନରୁ ଆସୁଥିବା କନସାଇନମେଣ୍ଟ ସାମିଲ ରହିଛି । ଚାଇନା ଇ-କମର୍ସ କମ୍ପାନୀଗୁଡ଼ିକ କଷ୍ଟମ ଡ୍ୟୁଟି ଏବଂ ଅନେକ ପ୍ରକାରର ଟିକସ ପ୍ରଦାନ କରିବାକୁ ତ୍ରାହି ପାଇବା ପାଇଁ ନିଜ ସାମଗ୍ରୀକୁ ଗିଫ୍ଟ କରି ଭାରତକୁ ପଠାଇ ଦେଉଛନ୍ତି । ଏପରି ସ୍ଥଳରେ ଗୋଟିଏ ଆଧାର କାର୍ଡରେ ଇ-କମର୍ସ ପ୍ଲାଟଫର୍ମ ଏବଂ ଆର୍ଥିକ ସଂସ୍ଥାରୁ କେବଳ ୫ହଜାର ଟଙ୍କା ପର୍ଯ୍ୟନ୍ତ ଇମ୍ପୋର୍ଟେଡ୍ ଗିଫ୍ଟ ଅର୍ଡର କରିବା ଲାଗି ସରକାର ଯୋଜନା ଚଳାଇଛନ୍ତି । ବାଣିଜ୍ୟ ମନ୍ତ୍ରଣାଳୟର ସୂଚନା ମୁତାବକ, ୫୦୦୦ଟଙ୍କା ପର୍ଯ୍ୟାନ୍ତର ଇମ୍ପୋର୍ଟେଡ୍ ଗିଫ୍ଟ ମଗାଇବା ପାଇଁ ଆଧାର କାର୍ଡ ଏକମାତ୍ର ବିକଳ୍ପ ନୁହେଁ । ଗ୍ରାହକମାନେ ଯେକୌଣସି ଉପାୟରେ କେୱାଇସି ପ୍ରଣାଳୀକୁ ପୂରା କରି ମଧ୍ୟ ବିଦେଶୀ ଇ-କମର୍ସ କମ୍ପାନୀର୍ଟେଡ୍ ଗିଫ୍ଟ ମଗାଇପାରିବେ । ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ ପ୍ରମୋସନ ରାଜସ୍ୱ ବିଭାଗକୁ ଗିଫ୍ଟ ରୂପେ ଆସୁଥିବା କନସାଇମେଣ୍ଟ ପ୍ରଦାତାଙ୍କ ଲୋକେସନ ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା କୌଣସି ସନ୍ଦେହଜନକ ଗତିବିଧିକୁ ପୂର୍ବରୁ ହିଁ ରୋକିହେବ ।

ସ୍ୱାଦ ରହିବ

ଖାଦ୍ୟ ପ୍ରସ୍ତୁତି ସମୟରେ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ । ଏହା ସହିତ ନଷ୍ଟ ହୋଇଯାଇଛି ବୋଲି ଭାବୁଥିବା କେତେକ ସାମଗ୍ରୀ ମଧ୍ୟ ଆବଶ୍ୟକ ସମୟରେ ପୁନଃ ବ୍ୟବହାର ଯୋଗ୍ୟ ହୋଇପାରେ । ଏ ସମ୍ପର୍କରେ ଜାଣିରଖନ୍ତୁ -

- କେକ୍ ପ୍ରସ୍ତୁତ କରୁଥିଲେ ୧ ଚାମଚ ଚିନି ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ଭାଜି ଏହାକୁ କେକ୍ ମିଶ୍ରଣରେ ଭଲଭାବେ ମିଶାଇ ଦିଅନ୍ତୁ । ରଙ୍ଗ ଭଲ ଦେଖାଯିବ ।
- ଲେମ୍ବୁ ପଡ଼ିପଡ଼ି ଶୁଖିଯାଇଥିଲେ ଏହାକୁ ବ୍ୟବହାର କରିବାର ୫ମିନିଟ ପୂର୍ବରୁ ଗରମ ପାଣିରେ ବୁଡ଼ାଇ ରଖିବେ । ଲେମ୍ବୁ ପୁଣି ସତେଜ ଲାଗିବ ।
- ଡାଲି କରୁଥିବା ସମୟରେ ସେଥିରେ ୧ଚିମୁଟା ହଳଦି ଏବଂ ମ ଟୋପା ବାଦାମ ତେଲ ପକାଇଦେବେ । ଡାଲିର ସ୍ୱାଦ ବଢ଼ିଯିବ ।
- ରାତିରେ ଯଦି ବୁଟ ଭିଜାଇବାକୁ ଭୁଲି ଯାଇଥାନ୍ତି, ତେବେ ସକାଳୁ ରୋଷେଇ କରିବା ପୂର୍ବରୁ ଏହାକୁ ଘଣ୍ଟାଏ ଗରମ ପାଣିରେ ଭିଜାଇଦେବେ ।
- ଶୁଖିଲା ଲଙ୍କା ରଖୁଥିବା ଡବାରେ ଚିମୁଟାଏ ହେଙ୍ଗୁ ପକାଇଦେଲେ ଲଙ୍କା ଶୀଘ୍ର ଖରାପ ହୁଏ ନାହିଁ ।

ଆବର୍ଜନାରେ ସୁନା, ରୁପା

ବର୍ତ୍ତମାନ ଇଲେକ୍ଟ୍ରୋନିକସର ଯୁଗ । ଘରେଘରେ ଇଲେକ୍ଟ୍ରୋନିକସ ଦ୍ରବ୍ୟ । ମୋବାଇଲଫୋନ, ଲ୍ୟାପଟପ୍, ଟାବଲେଟ, ଟିଭି, କମ୍ପ୍ୟୁଟର ଇତ୍ୟାଦିଇତ୍ୟାଦି । ଏଗୁଡ଼ିକ ଆମ ଦୈନନ୍ଦିନ ଚଳଣିର ଅବିଚ୍ଛେଦ୍ୟ ଅଙ୍ଗ । ଏହା ବିନା ଆମେ ମୁହୂର୍ତ୍ତଟିଏ ବି ରହିପାରିବା ନାହିଁ । ଯୁଆଡ଼େ ଦେଖିବ କଲେକ୍ଟ୍ରୋନିକସ ସାମଗ୍ରୀର ପସରା । ଏଗୁଡ଼ିକର ବ୍ୟବହାର ଦିନ ପ୍ରତିଦିନ ବଢ଼ିବଢ଼ି ଚାଲିଛି । ସେସବୁର ଉତ୍ପାଦନ ମଧ୍ୟ ସେଇ ହାରରେ ବୃଦ୍ଧି ପାଉଛି । ଖରାପ ହେବା ପର୍ଯ୍ୟନ୍ତ ଆମେ ସେଗୁଡ଼ିକୁ ବ୍ୟବହାର ପର୍ଯ୍ୟନ୍ତ ଆମେ ସେଗୁଡ଼ିକୁ ବ୍ୟବହାର କରୁଛୁ । ଅକାମୀ ହେଲେ ମେକାନିକ ପାଖକୁ ନେଉଛୁ । ସଜଡ଼ାସଜଡ଼ି କରି ପୁଣି ବ୍ୟବହାର କରୁଛୁ । ପୂରା ଆକାମୀ ହୋଇଗଲେ ଘରର କେଉଁ କୋଣରେ ସେଗୁଡ଼ିକ ପଡ଼ି ରହୁଛି, ନହେଲେ ଆମେ ଏଣେତେଣେ ପିଙ୍ଗି ଦେଉଛୁ । ସେଗୁଡ଼ିକ ଆବର୍ଜନା ଆକାରରେ ଏଠିସେଠି ପଡ଼ି ରହୁଛି ଏବଂ ପ୍ରତିଦିନ ଏହି ଆବର୍ଜନାରେ ଆକାର ବୃଦ୍ଧି ପାଉଛି । ବର୍ତ୍ତମାନ ଏହି ପରିତ୍ୟକ୍ତ ଇଲେକ୍ଟ୍ରୋନିକସ ଆବର୍ଜନା ଜୀବଜଗତ ସାମ୍ନାରେ ସବୁଠାରୁ ବଡ଼ ବିପଦ ହୋଇଠିଆ ହୋଇଛି । ଜାପାନ ଜଟିଳ ସମସ୍ୟାର ସାମାଧାନ ପନ୍ଥା ବାହାର କରିବାରେ ଓସ୍ତାଦ ବୋଲି କୁହାଯାଏ । ଏହାକୁ ସେ ପୁଣିଥରେ ପ୍ରମାଣିତ କରିଛି । କେବଳ ସମାଧାନ ନୁହେଁ, ସେଥିରୁ ଲାଭବାନ ହେବାର ମଧ୍ୟ ଉପାୟ ମଧ୍ୟ ସେ ବାହାର କରିଛି । ଜାପାନୀ ବୈଜ୍ଞାନିକମାନେ

ଇଲେକ୍ଟ୍ରନିକସ ୱେଷ୍ଟ ବା ଇ-ଆବର୍ଜନାରୁ ସୁନା, ରୂପା ପରି ମୂଲ୍ୟବାନ ଧାତୁ ବାହାର କରିବାକୁ ସକ୍ଷମ ହୋଇଛନ୍ତି । ସେତିକି ନୁହେଁ, ୨୦୨୦ରେ ଟୋକିଓରେ ଅନୁଷ୍ଠିତ ହେବାକୁ ଥିବା ଅଲିମ୍ପିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କ ପାଇଁ ସେଥିରୁ ପଦକ ମଧ୍ୟ ତିଆରି କରାଯାଉଛି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୧ଟନ ଇଲେକ୍ଟ୍ରୋନିସ ଆବର୍ଜନାରୁ ଅନ୍ୟୁନ ୩୫ଗ୍ରାମ ସୁନା ସଂଗ୍ରହ କରାଯାଇ ପାରିବ । ଅଲିମ୍ପିକ -୨୦୨୦ର ଆୟୋଜକ ସମିତିର ପ୍ରବକ୍ତା ମାସ ଟକାୟାଙ୍କ କହିବା ଅନୁସାରେ ୨୦୧୭ ଏପ୍ରିଲରୁ ଇ-ଆବର୍ଜନାରୁ ପଦକ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ।



ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାରେ ୧୬୫ କିଲୋସୁନା ଓ ୧୮୦୦ କିଲୋ ରୂପା ସଂଗୃହୀତ ହୋଇସାରିଲାଣି । ତା' ସହିତ କାଂସ୍ୟ ପଦକ ପାଇଁ ଆବଶ୍ୟକ ହେଉଥିବା ୨୭୦୦ କିଲୋ କଂସା ଇତିମଧ୍ୟରେ ସଂଗୃହୀତ ହୋଇସାରିଛି । ବର୍ତ୍ତମାନ ସୁଦ୍ଧା ସଂଗୃହୀତ ହୋଇଥିବା ସୁନା ଆବଶ୍ୟକତାର ୫୪.୫ ପ୍ରତୀତ ଓ ଆବଶ୍ୟକ ରୂପାର ୪୩,୯ପ୍ରତିଶତ ବୋଲି ସେ କହିଛନ୍ତି ।ମିଳିତ ଜାତିସଙ୍ଘର ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୧୬ ସୁଦ୍ଧା ବିଶ୍ୱରଇ-ଆବର୍ଜନାର ପରିମାଣ ଥିଲା ସାଢ଼େ ୪କୋଟି ଟନ୍ । ପ୍ରତିବର୍ଷଏହା ୩ରୁ୪ପ୍ରତିଶତ ହାର ବୃଦ୍ଧି ପାଉଛି । ଯଦି ଏହି ଆବର୍ଜନାକୁ ସାମଗ୍ରିକ ଭାବରେ ୧୮ଚକ ବିଶିଷ୍ଟ ଟ୍ରକରେ ଲଦା ଯାଏ ତାହହେଲେ ସେଥିପାଇଁ ଆବଶ୍ୟକ ହେବ ୧୨.୩କୋଟି ଟ୍ରକ । ପୁଣି, ଯଦି ଉକ୍ତ ଟ୍ରକଗୁଡ଼ିକୁ ଏକ ୨ଲେନ୍ ବିଶିଷ୍ଟ ରାସ୍ତା ଉପରେ ଧାଡ଼ିକରି ରଖାଯାଏ, ତାହେଲେ ରାସ୍ତାଟି ପ୍ୟାରିସରୁ ହଙ୍ଗକଙ୍ଗ ଲମ୍ବିଯିବ । ଉଲ୍ଲେଖଯୋଗ୍ୟ ଯେ ୨୦୧୬ ରିଓ ଅଲିମ୍ପିକରେ ବଣ୍ଟା ଯାଇଥିବା ଅଧିକାଂଶ ରୌପ୍ୟପଦକ ଇଆବର୍ଜନାରୁ ସଂଗୃହୀତ ରୂପାରେ ତିଆରି କରାଯାଇଥିଲା । ସେହିପରି ଅଧିକାଂଶ କାଂସ୍ୟପଦକ ନିର୍ମିତ ହୋଇଥିଲା ମୁଦ୍ରାଶାଳାରୁ ନିର୍ଗତ ଆବର୍ଜନାରୁ । ୨୦୧୦ ୱିଣ୍ଟର ଅଲିମ୍ପିକ ରେ ମଧ୍ୟ କିଛି ପଦକ ଇ-ଆବର୍ଜନାରୁ ନିର୍ମିତ ହୋଇଥିଲା । ଅଲିମ୍ପିକ ପଦକ ପାଇଁ ସଂଗୃହୀତ ଇ-ଆବର୍ଜନା ପ୍ରସଙ୍ଗରେ ଶ୍ରୀ ଟକାୟା ଯେଉଁ ସୂଚନା ଦେଇଛନ୍ତି ତାହା ବେଶ୍ ଉତ୍ସାହଜନକ ଏବଂ ଆଗାମୀ ଦିନ ପାଇଁ ଆଲୋକବର୍ତ୍ତିକା ସଦୃଶ । ତାଙ୍କ କହିବା ଅନୁସାରେ ଉକ୍ତ ଅଭିନବ ପଦ୍ଧତିରେ ସୁନା ଓ ରୂପା ସଂଗ୍ରହ ପାଇଁ ୨୦୧୮ ଜୁନ ସୁଦ୍ଧା ଜାପାନବାସୀ ଦାନ କରିଥିବା ଅବ୍ୟବହୃତ ମୋବାଇଲ ଫୋନର ସଂଖ୍ୟା ଥିଲା ୪୩୨ ଲକ୍ଷ । ଜନସାଧାରଣଙ୍କ ସହିତ ଦେଶର ବହୁ ମୋବାଇଲ ଦୋକାନୀ ମଧ୍ୟ ସହଯୋଗ କରିଥିଲେ ।

କୁକୁଡ଼ାଙ୍କ ଭୂତାଣୁ ଜନିତ ସଂକ୍ରାମକ ରୋଗ

କୁକୁଡ଼ାଙ୍କ ଶରୀରରେ ଭୂତାଣୁ ଜନିତ ବିଭିନ୍ନ ମାରାତ୍ମକ ରୋଗ ଦେଖା ଦେଇଥାଏ । ଏହିପାଇଁ ସେମାନଙ୍କର ମୃତ୍ୟୁ ହୋଇଥାଏ । ପାଇଁ ଏହି ରୋଗ ଏବଂ ଏହାର ନିରାକରଣ ସମ୍ବନ୍ଧରେ ଆସନ୍ତୁ ଜାଣିବା ।

ରାଣୀକ୍ଷେତ ରୋଗ

ଭୂତାଣୁ ଦ୍ୱାରା ବ୍ୟାପୁଥିବା ମାରାତ୍ମକ କୁକୁଡ଼ାମଡ଼କ ରୋଗ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ସବୁ ବୟସର ୧୦୦ ଶତକଡ଼ା କୁକୁଡ଼ା ମରିଯାନ୍ତି । ଶ୍ୱାସକ୍ରିୟାରେ କଷ୍ଟ, ପକ୍ଷାଘାତ, ଘୁମାଇବା, ଅଣ୍ଡା ଉତ୍ପାଦନ ଡଠାତ୍ କମିବା, ଅଣ୍ଡାର ଖୋଳପା ପତଳା ହେବା ଓ ଧଳା ବା ଶୁଗୁଆ ରଙ୍ଗର ପତଳା ଝାଡ଼ା ଭଳି ଲକ୍ଷଣ ଦେଖା ଦେଇଥାଏ ଆକ୍ରାନ୍ତ କୁକୁଡ଼ାଙ୍କ ଶରୀରରେ ।

ନିରାକରଣ

ଏହି ରୋଗରେ ଆକ୍ରାନ୍ତ କୁକୁଡ଼ାଙ୍କ ଶରୀରରେ କୌଣସି ଔଷଧ କାର୍ଯ୍ୟକାରୀ ହୁଏ ନାହିଁ । ବରଂ ପ୍ରତିଷେଧକ ଟୀକା ଦ୍ୱାରା ଏହି ରୋଗକୁ ରୋକା ଯାଇପାରେ । ଏଥିପଶଇଁ ୫ରୁ ୭ଦିନର ଏବଂ ଦେଢ଼ମାସରେ ମାଂସପେଶୀରେ ଏବଂ ପ୍ରତି ୬ମାସରେ ଥରେ ଟୀକା ଦେବା ଦ୍ୱାରା ଏହି ରୋଗର ଭୟ ନଥାଏ ।

ବାର୍ଡଫ୍ଲୁ

ଏହା ମାରାତ୍ମକ ସଂକ୍ରମକ ରୋଗ । କୁକୁଡ଼ା, ବତକ, ଟର୍କି, ଗିନି ଓ ପାଣିକୁଆଙ୍କ ଠାରେ ଏହା ଦେଖାଯାଏ । ଏହାର ଭୂତାଣୁ ମଣିଷ, ଘୁଷୁରୀ ଓ ଘୋଡ଼ାଙ୍କ ଶରୀରରେ ଇନଫ୍ଲୁଏନଜା ରୋଗ ସୃଷ୍ଟି କରି ମୃତ୍ୟୁମୁଖରେ ପକାଏ । ଏଚ୍-ଓ ଏନ ୧ ଭୂତାଣୁ ଏହି ରୋଗର ଭୂତାଣୁ ଏହାର ଲକ୍ଷଣ ଅତ୍ୟଧିକ ଦୁର୍ବଳ ଦେଖାଯିବା, ହଠାତ୍ ଅଣ୍ଡାଦେବା ବନ୍ଦ କରିବା, ପତଳା ପାଣିଝାଡ଼ା ହେବା, ଚୂଳ ଆଖି ଫୁଲିଯିବା, ମୁହଁ ଓ ମୁଣ୍ଡ ଫୁଲିଯିବା ଆଦି ଦେଖାଯାଏ । ଏହି ରୋଗରେ ଆକ୍ରାନ୍ତ ୧୦୦ ପ୍ରତିଶତ କୁକୁଡ଼ା ୪୮ଘଣ୍ଟା ମଧ୍ୟରେ ମରିଯାନ୍ତି ।

ନିରାକରଣ

ରୋଗର ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବାମାତ୍ରେ ସ୍ଥାନୀୟ ପ୍ରାଣୀଚିକିତ୍ସକଙ୍କ ଦୃଷ୍ଟିକୁ ଆଣିବା ଜରୁରୀ । ଏହାର ଭୂତାଣୁ ୭୦ଡିଗ୍ରୀ ସେଣ୍ଟିଗ୍ରେଡରେ ମରିଯାନ୍ତି । ଏଣୁ ଯଦିଓ ମାଂସ ଓ ଅଣ୍ଡାକୁ ଏହି ଉତ୍ତାପରେ ସିଝା ଯାଇଥାଏ ମାଂସ ଓ ଅଣ୍ଡା ବିକ୍ରେତା ଆକ୍ରାନ୍ତ ହେବା ସହ ବାୟୁପ୍ରବାହ ଦ୍ୱାରା ସ୍ଥାନୀୟ ଲୋକ ମଧ୍ୟ ଆକ୍ରାନ୍ତ ହୋଇପାରନ୍ତି । ଏଣୁ ସମସ୍ତ କୁକୁଡ଼ାକୁ ବିଧିବଦ୍ଧ ଭାବରେ ମରାଯାଏ ଏବଂ ଅଣ୍ଡା ନଷ୍ଟ କରାଯାଏ ।

ମାରେକ୍ସ ରୋଗ

ଏହା ମଧ୍ୟ ଭୂତାଣୁ ଜନିତ ରୋଗ । ସବୁ ବୟସର କୁକୁଡ଼ା ଆକ୍ରାନ୍ତ ହୋଇ ପାରନ୍ତି । ଏହି ରୋଗ ଦ୍ୱାରା ଆକ୍ରାନ୍ତ କୁକୁଡ଼ାର ପାରାଲିସିସ୍ ହୋଇ ମୃତ୍ୟୁ ହୁଏ । ମରିବାବେଳେ ଦେଖାଯାଏ ଯେ, କୁକୁଡ଼ାର ଦୁଇଗୋଡ଼ ଦୁଇପଟକୁ ରହିଥାଏ ।

ମୃତ୍ୟୁରେ ହୁଏ ଉତ୍ସବ

ଯେତେବେଳେ କୌଣସି ସମ୍ପର୍କୀୟ ଦୁନିଆ ଛାଡ଼ି ଚାଲିଯାଏ, ଦୁଃଖଲାଗେ। ଜୀବନରେ ତା' ସ୍ଥାନ ଖାଲି ରହିଯାଏ। ସେଥିପାଇଁ ପ୍ରତିବର୍ଷ ସେହିଦିନ ଉକ୍ତ ବ୍ୟକ୍ତିଙ୍କୁ ପୂଜା କରାଯାଏ। ଏମିତି ପରମ୍ପରା ବିଭିନ୍ନ ଦେଶରେ ରହିଛି। ମାତ୍ର ଜାପାନ ଏପରି ଏକ ଦେଶ, ଯେଉଁଠାରେ ପୂର୍ବଜଙ୍କର ଶ୍ରାଦ୍ଧ ଦିବସରେ ଉତ୍ସବ ପାଳିତ ହୁଏ। ଯାହାକ ଜାପାନୀ ଭାଷାରେ 'ଓ-ବେନ୍' କହାଯାଏ। ଏଠାରେ ଏହି ପରମ୍ପରା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଓବେନ ଉତ୍ସବ ତିନିଦିନ ଯାଏ ପାଳିତ ହୁଏ। ଅବଶ୍ୟ ଏହାର ଆରମ୍ଭ ଜାପାନରେ ବିଭିନ୍ନ ପ୍ରାନ୍ତରେ ଅଲଗା ଅଲଗା ହୋଇଥାଏ। ଏହିଦିନ ଜାପାନୀମାନେ ନିଜ ପୂର୍ବଜଙ୍କର ଘର ବା ଗାଁକୁ ଯାଉଥାନ୍ତି। ଏହିଦିନ ଜାପାନୀମାନେ ନିଜ ପୂର୍ବଜଙ୍କର ଘର ବା ଗାଁକୁ ଯାଇଥାନ୍ତି। ଓବେନର ପ୍ରଥମ ଦିନ ଲୋକମାନେ ଘର ସଫା କରି ଯୁବକଙ୍କ କବର ଉପରେ ଫୁଲ୍ ବଢ଼ାଇଥାନ୍ତି। ଏହା ପଛରେ ମାନ୍ୟତା ରହିଛି ଯେ ଦୁନିଆରୁ ଚାଲିଯାଇଥିବା ପୂର୍ବଜକମାନେ

ଗୋଟିଏ ଦିନ ବାଛି ପରିଜନ ଓ ସାଙ୍ଗମାନଙ୍କ ସହ ଭେଟିବାକୁ ଆସିଥାନ୍ତି। ସେଥିପାଇଁ ଏହି ଦିନମାନଙ୍କରେ ଘର ସାମନାରେ ଲାଲ ଟେଣ୍ଟ ସଜାଯାଇଥାଏ। ପ୍ରଥମଦିନରେ କାର୍ଯ୍ୟକ୍ରମକୁ ମୁକେ-ବେନ କୁହାଯାଏ। ପାରମ୍ପରିକ ଓବେନ ନୃତ୍ୟକୁ ଜାପାନୀ ଭାଷାରେ ବୋନ-ଓଡ଼ୋରୀ କୁହାଯାଏ। ଉତ୍ସବର ଶେଷ ଦିନରେ ପୂର୍ବଜଙ୍କ ଆତ୍ମାକୁ ଦୀପ ପ୍ରଜ୍ୱଳନ କରି କଦୀରେ ବିସର୍ଜନ କରାଯାଏ। ଏହି ପ୍ରକ୍ରିୟାକୁ 'ଓକିରୀ ବାର କୁହାଯାଏ।

ବ୍ରିଟେନର ସିଙ୍ଗଡ଼ା ସପ୍ତାହ

ଭାରତର ଲୋକପ୍ରିୟ ଖାଦ୍ୟପଦାର୍ଥ ସିଙ୍ଗଡ଼ା (ସମୋସା)ର ବ୍ରିଟେନରେ ବି ଖୁବ୍ ଚାହିଦା ରହିଛି। ବ୍ରିଟେନରେ ଭାରତ ଏବଂ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକରେ ଲୋକେ ବହୁସଂଖ୍ୟାରେ ରହୁଥିବାରୁ ସେମାନଙ୍କ ଯୋଗୁ ବି ସେଠାରେ ସବି ସିଙ୍ଗଡ଼ାର ଲୋକପ୍ରିୟତା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସେଠାକାର ଏକ ସହର ଲିସେଷ୍ଟରରେ ଜାତୀୟ ସିଙ୍ଗଡ଼ା ସପ୍ତାହ ପାଳନ କରାଯିବ ବୋଲି ଘୋଷଣା କରାଯାଇଛି। ଆସନ୍ତା ମାସ ୯ରୁ ୧୩ ତାରିଖଯାଏ ଏହି ଉତ୍ସବ ପାଳନ କରାଯିବ। ଲିସେଷ୍ଟର ସହରରେ ଏହି ଖାଦ୍ୟ ମହୋତ୍ସବ ପାଳନ କରିବା ସକାଶେ ଯୋଜନା କରାଯିବାର କାରଣ ହୋଇଛି ଯେ, ସେଠାରେ ଭାରତୀୟ ନାଗରିକ ବହୁ ସଂଖ୍ୟାରେ ବସବାସି କରନ୍ତି। ଏହି ଉତ୍ସବ ପାଇଁ ସେଠାକାର ପୁଲିସ ଏବଂ କିଛି ଦାତବ୍ୟ ସଂଗଠନ ଓ ସମର୍ଥନ ଯୋଗାଉଛନ୍ତି। ଜାତୀୟ ସିଙ୍ଗଡ଼ା ସପ୍ତାହ ପାଳନ ଅବସରରେ ବ୍ରିଟେନରେ ସମସ୍ତ ଭାଗରେ ଲୋକଙ୍କୁ ଅଧିକ ସଂଖ୍ୟାରେ ସିଙ୍ଗଡ଼ା ତିଆରି, କିଣିବା ଏବଂ ବିକିବାକୁ ଉତ୍ସାହିତ ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପ୍ରଗତୀର ମନ୍ତ୍ର...

ନିଜ ସଂସଦୀୟ କ୍ଷେତ୍ର ବାରାଣାସୀକୁ ଦୁଇଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରସିଦ୍ଧ କାଶୀ ବିଶ୍ୱନାଥ ମନ୍ଦିର ପରିସରଠାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହିତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ବିକାଶ ସଂପର୍କୀତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଏହି ଅବସରରେ ବାରଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ସାତଜଣ ଉପ-ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ବିକାଶ ସଂପର୍କୀତ ଯେଉଁ ଗୁରୁମନ୍ତ୍ର ଦେଇଛନ୍ତି ତାହା ପ୍ରଣିଧାନଯୋଗ୍ୟ । ବିରୋଧୀ ଦଳର ନେତୃବର୍ଗ କିମ୍ବା ସମାଲୋଚକମାନେ ପ୍ରଧାନମନ୍ତ୍ରୀଙ୍କ ଏହି ସମୀକ୍ଷା ବୈଠକକୁ ଯେଉଁ ଦୃଷ୍ଟିରେ ଦେଖନ୍ତୁନା କାହିଁକି, ଜନସାଧାରଣଙ୍କ ନିକଟରେ ସୁଶାସନର ସୁଫଳ ପହଞ୍ଚାଇବା ସକାଶେ ଏହା ଯେ ଏକାନ୍ତ କାମ୍ୟ ତାହାକୁ କେହି କେବେ ଅସ୍ୱୀକାର କରିବେନାହିଁ । ଦିନରେ ନିଜର ସମସ୍ତ ପ୍ରକାର କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ବିଶ୍ରାମ ନକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବାରାଣାସୀ ଗସ୍ତର ଦ୍ୱିତୀୟ ଦିନ ବିଳମ୍ବିତ ରାତ୍ରିରେ ପ୍ରତି ରାଜ୍ୟର ମୁଖ୍ୟମନ୍ତ୍ରୀ ଅବା ଉପ- ମୁଖ୍ୟମନ୍ତ୍ରୀମାନଙ୍କ ସହ ବ୍ୟକ୍ତିଗତ ଭାବେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ଦୀର୍ଘ ସମୟ ଧରି କଥାବାର୍ତ୍ତା କରିଛନ୍ତି । ସରକାରଙ୍କ ସବୁ ବିକାଶମୂଳକ ଯୋଜନାର ସୁଫଳ ଯେଭଳି ଲୋକମାନଙ୍କ ନିକଟରେ ପହଞ୍ଚି ସେ ସଂପର୍କରେ ଲୋକମାନଙ୍କୁ ଅଗବତ କରାଇବା ନିମନ୍ତେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାର ଅର୍ଥ ନେତୃବର୍ଗଙ୍କୁ ଲୋକମାନଙ୍କ ନିକଟରେ ପହଞ୍ଚିବା ଲାଗି ପରାମର୍ଶ । ଏହି ପରିପ୍ରେକ୍ଷୀରେ ସେ 'କାଶୀ ଏବଂ ଅଯୋଧା ବିକାଶ ମଡ଼େଲ' ସଂପର୍କରେ ଅବତାରଣା କରିବା ସହିତ ଏହାକୁ ଦେଶର ଅନ୍ୟାନ୍ୟ ରାଜ୍ୟରେ ଦୋହରାଇବାକୁ ମଧ୍ୟ କହିଛନ୍ତି । ସେହିଭଳି ପ୍ରତ୍ୟେକ ରାଜ୍ୟର ସୁଶାସନର ଧାରାକୁ ଅନ୍ୟ ରାଜ୍ୟ ସହ ବାଣ୍ଟିବା ଏବଂ ତାହାକୁ ଅନ୍ୟତ୍ର ରୂପାୟନ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ପ୍ରତି ରାଜ୍ୟରେ ଥିବା ବିଭିନ୍ନ ଐତିହ୍ୟସ୍ଥଳୀର ସୁରକ୍ଷା ଏବଂ ସଂସ୍କୃତି ଓ ଐତିହ୍ୟ ସହିତ ବିକାଶ ଯୋଜନାକୁ ଯୋଡ଼ି ସେଠାକୁ ବହିରାଗତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏଭଳି ପରାମର୍ଶ ଯେତିକି ବାସ୍ତବଧର୍ମୀ ସେତିକି ସମୟୋଚିତ । ଭାରତର ଆର୍ଥିକ ଓ ସାମାଜିକ ପ୍ରଗତିର ରଥ ଏବେ କ୍ଷିପ୍ର ବେଗରେ ଧାବମାନ । ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚିବା ଏକାନ୍ତ କାମ୍ୟ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସଦାସର୍ବଦା ଏହି କଥା ଉପରେ ଗୁରୁତ୍ୱ ଆରୋପ କରିଆସୁଛନ୍ତି ଯେ ବିକାଶ ଧାରାରେ କୌଣସି କ୍ଷେତ୍ରୀୟ ବୈଷମ୍ୟ ରହିବନାହିଁ । ପୂର୍ବ - ପଶ୍ଚିମ ଅଥବା ଉତ୍ତର – ଦକ୍ଷିଣ ମଧ୍ୟରେ ବିକାଶ ଦୃଷ୍ଟିରୁ କୌଣସି ବିଭେଦ ରହିବନାହିଁ । ଏପରିକି ଆକାଳୀ ଜିଲ୍ଲାଗୁଡ଼ିକୁ ଚିହ୍ନଟ କରାଯାଇ ସେମାନଙ୍କ ନିମନ୍ତେ ପ୍ରଗତି ନିମନ୍ତେ ବିଶେଷ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ତେଣୁ ବିଜେପି ଶାସିତ ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଅଣ ବିଜେପି ଶାସିତ ରାଜ୍ୟମାନଙ୍କ ନିମନ୍ତେ ମଧ୍ୟ ପ୍ରଯୁଜ୍ୟ । ସେମାନେ ମଧ୍ୟ ଏହି ପରାମର୍ଶରୁ କିଛି ଆହରଣ କରିବା ଉଚିତ । ତେଣୁ ବିଜୁଳି ସଡ଼କ ଓ ପାଣି ଯେଭଳି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ ତାହା ସୁନିଶ୍ଚିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ସେହିସବୁ ନେତୃବର୍ଗଙ୍କୁ କହିଛନ୍ତି । କାଶୀ ମଡ଼େଲ କହିଲେ ବିକାଶ ସହିତ ସଂସ୍କୃତି ଓ ଐତିହ୍ୟକୁ ଯୋଡ଼ିବା, ପରମ୍ପରା ସହିତ ଆଧୁନିକତାକୁ ସଂଯୋଗ କରିବା ଏବଂ ଏହି ଧାରାକୁ ସମଗ୍ର ବିଶ୍ୱରେ ବାଣ୍ଟିଚାଲିବା । ପ୍ରତ୍ୟେକ କ୍ଷେତ୍ରର ନିଜସ୍ୱ ବିଶେଷତ୍ୱ ରହିଛି । ନିଜ ସଂସ୍କୃତି ରହିଛି । ତାହା ଅନ୍ୟମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାର ଏକ ଅସରନ୍ତି ସାଧନ । ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ କ୍ଷେତ୍ର ଭାବେ କାଶୀ ବିଗତ କିଛି ବର୍ଷ ମଧ୍ୟରେ ବିକାଶର ଶିଖର ଛୁଇଁଛି । କିନ୍ତୁ କାଶୀର ସାଂସ୍କୃତିକ ବୈଭବକୁ ଏହାର ନାଗରିକମାନେ ଅକ୍ଷୁର୍ଣ୍ଣ ରଖିଛନ୍ତି । ଯଦି କାଶୀ ଏବଂ ଅଯୋଧାରେ ତାହା ଘଟି ପାରିଛି, ତେବେ ଯେକୌଣସି ରାଜ୍ୟରେ ଯେକୌଣସି ସହରରେ ତାହା ସମ୍ଭବପର । ଭାରତର ଏପରି କୌଣସି ରାଜ୍ୟ ନାହିଁ ଯାହା ନିଜ ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ନୁହେଁ । ଏହାକୁ ଫୁଜି କରି ବିକାଶର ରଥକୁ ଆଗକୁ ଆଗେଇ ନେବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ସମୟୋଚିତ । କରୋନା ପରବର୍ତ୍ତୀ ବିଶ୍ୱରେ ଏବେ ବିକାଶର ପରିଭାଷା ବଦଳିବାକୁ ଯାଉଛି । ପ୍ରଗତିର ସଂଜ୍ଞା ନୂତନ ଭାବେ ନିରୂପିତ ହେଉଛି । ଏହା ଏକ ବୈଶ୍ୱିକ ଧାରା ଭାବେ ଅନୁଭୂତ ହେଉଛି । ଏହାକୁ ନଆପଣାଇଲେ ଭାରତ ପଛରେ ପଡ଼ିଯିବ । ତେଣୁ କେବଳ ବିଜେପି ଶାସିତ ରାଜ୍ୟମାନେ ନୁହନ୍ତି, ପ୍ରତ୍ୟେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ନେତୃବର୍ଗ ଏହାକୁ ଗୁରୁମନ୍ତ୍ର ଭାବେ ଗ୍ରହଣ କରିବା ସମୀଚୀନ ହେବ।

ଓଡ଼ିଆ ଜାତିର ଅନନ୍ୟ ସାରଥୀ : ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ

ବିପିନ ବିହାରୀ ମହାନ୍ତି

ଓଡ଼ିଆ ଭାଷା, ଓଡ଼ିଆ ଜାତି ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଖାସ ମାହଲ ଏବଂ ଗଡ଼ଜାତ ଅଞ୍ଚଳରୁ ଯେଉଁ ରାଜାମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ। ସେ ଥିଲେ ଏକା ଧାରାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି, ଜଣେ ଦକ୍ଷ ପ୍ରଶାସକ ଏବଂ ସୁସାହିତ୍ୟିକ।

ଶ୍ରୀ ଦେଓ ୧୭ ଡ଼ିସେମ୍ବର ୧୮୭୦ରେ ମୟୂରଭଞ୍ଜ ଗଡ଼ଜାତରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୫ ଅଗଷ୍ଟ ୧୮୯୨ରେ ମାତ୍ର ୧୨ବର୍ଷରେ ସିଂହାସନ ଆରୋହଣ କରିଥିଲେ। ସେ ମୟୂରଭଞ୍ଜ ଗଡ଼ଜାତର ସର୍ବାଙ୍ଗୀନ ଉନ୍ନତିକଳ୍ପେ ନିଜକୁ ଉତ୍ସର୍ଗ କରିଦେଇଥିଲେ ଏବଂ ପ୍ରଜାମାନଙ୍କର ମଙ୍ଗଳ ନିମନ୍ତେ ଅନେକ କଲ୍ୟାଣକାରୀ କାର୍ଯ୍ୟମାନ ହାତକୁ ନେଇଥିଲେ। ଲୋକସେବାକୁ, ଜାତି ଓ ଭାଷା ପାଇଁ ଗୋପବନ୍ଧୁ ଥିଲେ ତାଙ୍କ ପାଇଁ ବନ୍ଧୁ, ଦାର୍ଶନିକ ଏପଂ ପ୍ରଥପ୍ରଦର୍ଶକ। ତାଙ୍କରି ଆଦର୍ଶରେ ସେ ନିଜକୁ ପରିଚାଳିତ କରୁଥିଲେ।

ଭାଷା, ସ୍ୱାସ୍ଥ୍ୟ ଏବଂ ପ୍ରଶାସନ କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟମାନ କରିଛନ୍ତି। ତାଙ୍କରି ଉଦ୍ୟମରେ କଟକଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ସ୍ଥାପିତ ହୋଇଛି। ତାଙ୍କରି ପ୍ରଚେଷ୍ଟାରେ ରୂପସାଠାରୁ ବାରିପଦା ଯାଏଁ ନାରୋଗଜ ରେଳପଥ ବିସ୍ତାର କରିଛି। କୃଷିର ଉନ୍ନତିକଳ୍ପେ ୬ଲକ୍ଷ ଟଙ୍କା ରାଜକୋଷ ତହବିଲରୁ ଖର୍ଚ୍ଚକରି ହଳଦିଆ ଓ ହଳଦିହ ଠାରେ ଦୁଇଟି ଜଳ ସଂରକ୍ଷଣ ବନ୍ଧ ତିଆରି କରିଛନ୍ତି।

ଶିକ୍ଷାକ୍ଷେତ୍ରରେ ତାଙ୍କର ବଳିଷ୍ଠ ପଦକ୍ଷେପ ବେଶ ପ୍ରଶଂସନୀୟ। ପ୍ରାଥମିକ ଶିକ୍ଷାର ଉନ୍ନତିକଳ୍ପେ ସେ ତାଙ୍କ ରାଜ୍ୟରେ ଥିବା ୪୪ ବିଦ୍ୟାଳୟରୁ ୪୦୦କୁ ବଢ଼ାଇ ଦେଇଥିଲେ।

ଓଡ଼ିଶା ଭାଷା ଆନ୍ଦୋଳନର ସେ

ଥିଲେ ମୁଖ୍ୟ ପୁରୋଧା। ଉତ୍କଳ ଗୌରବ ମଧୁସୂଦନଙ୍କର ବଳିଷ୍ଠ ନେତୃତ୍ୱରେ ସଂଗଠିତ ଭାଷା ଆନ୍ଦୋଳନରେ ସେ ଯୋଗ ଦେଇଥିଲେ। ଉତ୍କଳ ସମ୍ମିଳନୀ ଯାହାକି ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ନିମନ୍ତେ ୩୦/୩୧ ଡ଼ିସେମ୍ବର ୧୯୦୩ରେ ପ୍ରଥମେ ଆହୂତ ହୋଇଥିଲା। ସେ ଥିଲେ ତା'ର ପ୍ରଥମ ସଭାପତି। ଏହି ଭାଷାଆ ।ନ୍ଦୋଳନ କାରଣରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁଏକତ୍ର କରିବା ପାଇଁ ରୟାଲ କମିଶନର ଆଗରେ ସମ୍ମିଳନୀ ତରଫରୁ ୧୯୦୭ରେ ଶ୍ୱେତପତ୍ର ଦାଖଲ କରାଯାଇଥିଲା। ଏହି ଆନ୍ଦୋଳନ କ୍ରମେ ୧୯୧୧ରେ ବଙ୍ଗପ୍ରଦେଶରୁ ବିହାର-ଓଡ଼ିଶାକୁ ମୁକ୍ତ କରି ପ୍ରଥମେ ବିହାର-ଓଡ଼ିଶା ରାଜ୍ୟ ଗଠନ କରାଗଲା। ଏ ସବୁଥିରେ ମଧୁସୂଦନ, ଗୋପବନ୍ଧୁ ଏବଂ ଅନ୍ୟମାନଙ୍କ ସହ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ମହାରାଜା ଶ୍ରମଦେବ। ଏହି ଉଦ୍ୟମ କାରଣରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ଏପ୍ରିଲ ପହିଲା ୧୯୩୬ରେ ଯାହାକି ସଂପୂର୍ଣ୍ଣ ଭାଷାଭିତ୍ତିକ। ଦୁଃଖ ଯେ ସେତେବେଳକୁ ଉପରୋକ୍ତ ତିନି ମୁଖ୍ୟ ଜୀବୀତ ନଥିଲେ ଅଥଚ ଆଶା ଫଳବତୀ ହେଲା।

ସେ ମୟୂରଭଞ୍ଜ ଗଡ଼ଜାତରେ ଜନ୍ମ ହୋଇଥିଲେ ସତ୍ୟ ହେଲେ ତାଙ୍କରି କର୍ମକ୍ଷେତ୍ର ଥିଲା ସଂପୂର୍ଣ୍ଣ ଓଡ଼ିଶା। ଓଡ଼ିଆ ଭାଷା ଓ ଜାତିର ଉନ୍ନତି ଥିଲା ତାଙ୍କର ସ୍ୱପ୍ନ। ସେ ନିଜେ ଜଣେ ସୁସାହିତ୍ୟିକ। ଏଣୁ ସାହିତ୍ୟପ୍ରତି ତାଙ୍କର ଯଥେଷ୍ଟ ଅବଦାନ ଏବଂ ପ୍ରୋତ୍ସାହନ କମ ନଥିଲା। ଆମେ ଜାଣେ ସାମନ୍ତ ଚନ୍ଦ୍ରଶେଖର ବା ପଠାଣି ସାମନ୍ତ ଜ୍ୟୋତିର୍ବିଦ୍ୟାରେ ଭାରତ (ଇଂରେଜ) ସରକାରଙ୍କ ଠାରୁ ମହାମହୋପାଧ୍ୟାୟ ଉପାଧି ୧୮୯୩ ସେପ୍ଟେମ୍ବରରେ ପାଇଲେ ଅଥଚ ସେ ଏତେ ଗରିବ ଥିଲେ ଯେ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ବହି ବା ପଞ୍ଜିକା ଖଣ୍ଡିକ ଛାପି ପାରୁନଥିଲେ। ବାମଣ୍ଡା ରାଜା ଶ୍ରୀ ସୁଢ଼ଳଦେବ ଏବଂ ତାଙ୍କର ମିଳିତ ସହଯୋଗରେ ସେ ବହିଟି ୧୮୯୯ରେ ଛପା ହେଲା। ଏମିତି କହି ବସିଲେ ଅନେକ ତାଙ୍କର ବଦାନ୍ୟତା ଗୁଣ। ଏମିତି ଜଣେ ବ୍ୟକ୍ତିତ୍ୱ ଆମପାଇଁ ଏ ଯୁଗରେ ନୁହେଁ ଆଗାମୀ ଯୁଗରେ ବି ବିରଳ।

ଦୁଃଖ ଯେ ଏପରି ଜଣେ ମହାନ ବ୍ୟକ୍ତିଙ୍କର ଅନ୍ତଘଟିଲା ୨୨ ଫେବୃୟାରୀ ୧୯୧୨ ମସିହାରେ ମାତ୍ର ୪୧ବର୍ଷରେ, କେତେ କମ୍ ବୟସରେ। ତେବେ ସେ ଯେଉଁଠି ଥାଆନ୍ତୁ; ଏଇଠୁ ଆମେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ସ୍ମୃତିରେ ରଖିଛୁ ତାଙ୍କୁ।

❤ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ ବିକାଶ ନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦ (ମୋ) ୯୯୩୮୩୪୪୧୩୮

ଆଧୁନିକ ଓଡିଶା ନିର୍ମାଣରେ "ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ"ଙ୍କ ଅବଦାନ

ମନୋଜ କୁମାର ବେହେରା

ଯଥାର୍ଥରେ ନବାଉତ୍କଳର ବିନ୍ଧାଣି ସେହି ଯୁଗ ପୁରୁଷ ମାନେ ଆଜି ମଧ୍ୟ ପ୍ରତି ଟି ଉତ୍କଳୀୟଙ୍କ ବରେଣ୍ୟ ଓ ଯଶସ୍ୱୀ । ସେହିପରି ଅନନ୍ୟ -ଅନ୍ୟତମ ଥିଲେ ମୟୂରଭଞ୍ଜ ର ସ୍ୱନାମଧନ୍ୟ ମହାରଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ । ଜନ୍ମ ଡିସେମ୍ବର ମାସ ୧୭ ତାରିଖ । ବାଲ୍ୟାବସ୍ଥାରେ ଅବଧାନ ଠାରୁ ପ୍ରାଥମିକ ଶିକ୍ଷା ପାଇ ନାବାଳକ ମହାରାଜା ଶ୍ରୀରାମଚନ୍ଦ୍ର ବିଦ୍ୟାଲାଭ ନିମନ୍ତେ କଟକ ପ୍ରେରିତ ହୁଅନ୍ତି । ବାରବାଟୀ ଦୁର୍ଗର ପଶ୍ଚିମ ଖାଇ ପାଖରେ ଗୋଟିଏ ବଙ୍ଗଳା ଯାହା ନରସିଂହପୁର ବଙ୍ଗଳା ନାମରେ ବହୁ ପରିଚିତ । କଟକ ରେଭେନ୍ସା କଲିଜିଏଟ ସ୍କୁଲ ରେ ବିଦ୍ୟା ଶିକ୍ଷା। ପରେ ପରେ ରେଭେନସା କଲେଜରୁ ଏଫ.ଏ ଓ ବି.ଏ ପାସ କରି ସ୍ୱ -ରାଜ୍ୟ ମୟୂରଭଞ୍ଜ କୁ ଫେରିଲେ ।ଏହି କ୍ରମରେ ମୟୂରଭଞ୍ଜ ରାଜ୍ୟ ଶାସନର ଭାର ଖ୍ରୀ ୧୮୯୨ ଅଗଷ୍ଟ- ୧୫ ତାରିଖ ଠାରୁ ଗ୍ରହଣ । ମହାରାଜା ରାଜ୍ୟର ସୁଶାସନ ନିମନ୍ତେ ଏକ କାଉନସିଲ ଗଢିଥିଲେ ଓ ସଭ୍ୟ ମାନଙ୍କ ପରାମର୍ଶ ଅନୁସାରେ ପୂର୍ବ ପ୍ରଚଳିତ ଶାସନ ପ୍ରଣାଳୀ ରେ ଅନେକ ସଂସ୍କାର କରିଥିଲେ । ଦେଶ ସ୍ଥିତ ଖଣି ମାନଙ୍କରୁ ନାନାବିଧ ଧାତୁ ପଥରର ଉତ୍ତୋଳନ ରେ ଉନ୍ନତି ସାଧନ କରିବା ଦ୍ୱାରା ରାଜ୍ୟ ର ଆୟ ବର୍ଦ୍ଧିତ ହୋଇପାରିଥିଲା ।

ଶ୍ରୀ ରାମଚନ୍ଦ୍ର ଭଞ୍ଜ କେବଳ ମୟୂରଭଞ୍ଜର ନୁହେଁ, ସମଗ୍ର ଉତ୍କଳର ଉନ୍ନତି କରିବା ସକାଶେ ସର୍ବଦା ପ୍ରୟାଶୀ ଥିଲେ । ସେଥପାଇଁ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ରୂପେ ଏ ଓଡିଆ ଜାତି ତାଙ୍କୁ ବରଣ କରିଥିଲା । କଥିତ ଅଛି ଯେ ମହାରାଜା ବିଶ୍ୱ ଭ୍ରମଣରୁ ଫେରିବା ପରେ କଲିକତାରେ

ବଙ୍ଗାଳୀ ବୁଦ୍ଧିଜୀବୀ ମାନେ ତାଙ୍କୁ

ଏକ ଭବ୍ୟ ସମ୍ବର୍ଦ୍ଧନା ଦେଲେ ସମ୍ବର୍ଦ୍ଧନାର ଉତ୍ତରରେ ସମସ୍ତେ ଆଶା କରିଥିଲେ ଯେ ମହାରାଜା ଇଂରାଜୀ ବା ବଙ୍ଗଳାରେ କିଛି ଉତ୍ତର ରଖିବେ । କିନ୍ତୁ ଗଭୀର ଜାତୀୟତା ବାଦୀ ମହାରାଜା ନିଛକ, ବିଶୁଦ୍ଧ ଓଡିଆ ରେ ବକ୍ତୃତା ଦେଇ ସମସ୍ତଙ୍କୁ ମୁଗ୍ଧ ଓ ଚକିତ ମଧ୍ୟ କରିଥିଲେ।

ମହାରଜା ତରୁଣ ବୟସରେ ବ୍ରାହ୍ମ ଧର୍ମ ପ୍ରଚାରକ କେଶବ ସେନ ଙ୍କ ରୂପସୀ କନ୍ୟା ସୂଚାରୁ ଦେବୀଙ୍କୁ ବିବାହ କରିବା ପାଇଁ ସ୍ଥିର କରିଥିଲେ । କିନ୍ତୁ ମହାରଜାଙ୍କର ଅଭିଭାବକ ମାନେ ଏହାର ବିରୋଧ କରିବାରୁ ଶ୍ରୀରାମଚନ୍ଦ୍ର, ତାହାକୁ ପ୍ରଜାମାନଙ୍କର ମତ ଜାଣି ମାନିନେଇଥିଲେ।

ବ୍ୟକ୍ତିଗତ ଓ ରାଷ୍ଟ୍ରିକ ଜୀବନରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଅସାଧାରଣ ଜାତୀୟ ଆଦର୍ଶ ସବୁ ଛାଡି ଯାଇଛନ୍ତି । ସେ ନିଜକୁ ଏକ ସାମ୍ବିଧାନିକ ରାଜା ମାତ୍ର ବୋଲି କିପରି ମନେ କରୁଥିଲେ ସେ ବିଷୟ ରେ ଏକ ଗଳ୍ପ ଶୁଣାଯାଏ । ଏକଦା ସେ ବଳଦ ଗାଡିରେ ରାଜ୍ୟରେ ବୁଲୁ ଥିଲେ । ସନ୍ଧ୍ୟା ହୋଇ ଆସିବାରୁ ଭୃତ୍ୟ ମାନେ ଯଦି କହିବେ– ମହାରାଜା ରାତି ହୋଇଯିବ । ବେଳ ଥାଉ – ଥାଉ ଏହି ନିକଟରେ ଥିବା ବଙ୍ଗଳା ରେ ରାତ୍ରିବାସର ଯୋଗାଡ କରିବା । ତେବେ ସମଗ୍ର ରାଜ୍ୟ ଯାହାର ସେହି ମହାରାଜା ଉତ୍ତର ଦେଉଥିଲେ – 'ଚାଲ ହେ, ଆଉ କେତେ ମାଇଲ ଅଧିକ ଚାଲିଲେ ଅଧିକ ଗସ୍ତ ଖର୍ଚ୍ଚ ଟି.ଏ କିଛି କିଛି ମିଳିଯିବନି ?।

ମହାରାଜା ଅନେକ ସମୟରେ ନିଜେ ନିଜର ରେଳ ଟିକେଟ ଇତ୍ୟାଦିର ବ୍ୟବସ୍ଥା କରୁଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ପଣ୍ଡିତ ଗୋପବନ୍ଧୁଙ୍କୁ ନିଜ ଷ୍ଟେଟ ଓକିଲ କରି ନେଇଥିଲେ ।

ଉତ୍କଳମଣି ଗୋପବନ୍ଧୁ ମୟୂରଭଞ୍ଜରେ କିଛି ବର୍ଷ ରହଣି କରିଥିଲେ । ରହିଥିବା ସେହି ଘର ଏବେବି ବାରିପଦାରେ ଗୋପବନ୍ଧୁ ବନ୍ଧୁ ଭବନ ନାମରେ ପରିଚିତ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ମହତ୍ତ୍ୱପୂର୍ଣ୍ଣ ମାର୍ଗଶୀର୍ଷ

ଶିବ ପ୍ରସାଦ ବାହିନୀପତି

(ପୂର୍ବ ପ୍ରକାଶିତ ଉତ୍ତାରୁ....)

ମାର୍ଗଶୀର ଶୁକ୍ଳ ପ୍ରତିପଦରେ ଜଗନ୍ନାଥଜୀ ଶ୍ରୀକୃଷ୍ଣ ରୂପରେ ଦ୍ୱାପରର ପିତା ବସୁଦେବ ଓ ମାତା ଦେବକୀଙ୍କୁ, ତତ୍‌ସହ ନନ୍ଦ ଆଉ ଯଶୋଦାଙ୍କୁ ପିଣ୍ଡ ଓ ଦୀପଦାନ କରନ୍ତି ଏବଂ ସେହିଦିନ ସେ ଶୁଭ ବସ୍ତ୍ର ଓ ଚାଦର ପିନ୍ଧି ପିତାମାତା ଭାବରେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ପିଣ୍ଡ ଓ ଦୀପଦାନ କରନ୍ତି । ଏହି ତିନିଦିନକୁ ଦେବ ଦୀପାବଳି କୁହାଯା; ଏଦିନ ମାନଙ୍କରେ ମହାପ୍ରଭୁ ଓ ଅନ୍ୟ ତିନି ମୂର୍ତ୍ତି ନାଗପୁରୀ ଶାଢ଼ୀ ଚାଦର ପିନ୍ଧି ଶ୍ରାଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ 'ପ୍ରଥମାଷ୍ଟମୀ; କେହି କେହି କହନ୍ତି 'ପଢୁଆଁଷ୍ଟମୀ' ଓ 'ପୋଢୁଆଁଷ୍ଟମୀ' । ଏହା ଓଡ଼ିଶାର ପାରମ୍ପରିକ ପର୍ବ; ଏହା ପାପ-ନାଶିନୀ ଅଷ୍ଟମୀ, ସୌଭାଗିନୀ ଅଷ୍ଟମୀ ଓ ଭୈରବାଷ୍ଟମୀ ନାମରେ ବି ନାମିତ । ଅତୀତରେ ଏ ମାର୍ଗଶୀର ମାସକୁ ବର୍ଷର ପ୍ରଥମ ମାସ ବିବେଚନା କରାଯାଇ ଏ ମାସରୁ ବର୍ଷ ଆରମ୍ଭ ହେଉଥିଲା । ତେଣୁ ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ 'ପ୍ରଥମାଷ୍ଟମୀ' କୁହାଯାଇଛି । ଏଦିନ ଜ୍ୟେଷ୍ଠ ପୁତ୍ର ବା କନ୍ୟାକୁ ନବବସ୍ତ୍ର ପରିଧାନ ପୂର୍ବକ ବନ୍ଦାପନା କରାଯାଏ ।

ଏହା ବି ଲିଙ୍ଗରାଜଙ୍କର ଏକ ଯାତ୍ରା ଦିବସ ଅଟେ । ମାଆମାନେ ଷଷ୍ଠୀଦେବୀଙ୍କ ପୂଜାର୍ଚ୍ଚନା ପୂର୍ବକ ଜ୍ୟେଷ୍ଠ ସନ୍ତାନର ବନ୍ଦାପନା କରନ୍ତି ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି । ବରୁଣ ପୂଜା ଘଟ ପାଣିରେ ସ୍ନାନ କରାଇବା ପରେ ଜ୍ୟେଷ୍ଠ ସନ୍ତାନକୁ ନବବସ୍ତ୍ର ପିନ୍ଧାଇ ପିଢ଼ା ଉପରେ ବସାଇ ଫୁଲ,

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ ଶୁକ୍ରବାର, ୧୭ ଡିସେମ୍ବର ୨୦୨୧

କୁଇନ୍ ଲୁକ୍‌ରେ ହୋସ୍ ଉଡାଇଲେ କଙ୍ଗନା

କୁଇନ୍ ଲୁକ୍‌ରେ ନଜର ଆସିଲେ କଙ୍ଗନା । ପାର୍ଟିରେ ଉଡାଇଲେ ସମସ୍ତଙ୍କ ହୋସ୍ । ଯିଏ ତାଙ୍କୁ ଦେଖିଲା ସିଏ ଘଡିଏ ଚାହିଁଲା । ନିଜ ଷ୍ଟାଇଲ୍ ଏବଂ ଅନ୍ଦାଜରେ ସମସ୍ତଙ୍କୁ କଲେ ଘାଇଲା । ପାର୍ଟିରେ ଯୋଗ ଦେଇ ପାଲଟିଲେ ସେଣ୍ଟର ଅଫ୍ ଆଟ୍ରାକ୍ସନ୍ । କଙ୍ଗନାଙ୍କୁ କୁଇନ୍ ଲୁକ୍‌ରେ ଦେଖି ସମସ୍ତେ କଲେ ପ୍ରଶଂସା । କଙ୍ଗନାଙ୍କ ଏହି ଫଟୋ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

ଟେଲିଭିଜନର ଜଣାଶୁଣା ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଆଜି ହାତ କୁ ଦି ହାତ ହେବ । ତାଙ୍କ ଲଙ୍ଗ ଟାଇମ୍ ବୟଫ୍ରେଣ୍ଡ ଭିକ୍କି ଜୈନ୍‌ଙ୍କୁ ସେ କରିବେ ବିବାହ । ଦୁହିଁଙ୍କ ପ୍ରି-ୱେଡିଂ ଫଙ୍କସନ୍ ଆରମ୍ଭ ହୋଇଗଲାଣି । ଭିକ୍କି ଏବଂ ଅଙ୍କିତାଙ୍କ ପ୍ରି-ୱେଡିଂ ଫଟୋ ସୋଶାଲ ମିଡିଆରେ ଭାଇରାଲ ହେଉଛି । ହଳଦୀ, ମେହେନ୍ଦି ପରେ ଗତକାଲି ଦୁହିଁଙ୍କ ସଙ୍ଗୀତ ସେରେମୋନି ଥିଲା । ଏହି ସଙ୍ଗୀତ ସେରେମୋନିରେ ବଲିଉଡର ପଙ୍ଗା କୁଇନ୍ କଙ୍ଗନା ରଣାୱତ ମଧ୍ୟ ଯୋଗ ଦେଇଥିଲେ ।

ପୂରାପୁରି ଏଥେନିକ୍ ଲୁକ୍‌ରେ ନଜର ଆସିଥିଲେ କଙ୍ଗନା । ରୟାଲ କୁଇନ୍ ଲୁକ୍‌ରେ ସଜବାଜ ହୋଇ ପାର୍ଟିରେ କଙ୍ଗନା ଯୋଗ ଦେଇଥିଲେ । ଯାହାର ଫଟୋ ଏବଂ ଭିଡିଓ ସୋଶାଲ ମିଡିଆରେ ଛାଇ ଯାଇଛି । ସେହିପରି କଙ୍ଗନା ଏବଂ ଅଙ୍କିତାଙ୍କ ମଧ୍ୟରେ ଭଲ ବଣ୍ଡିଂ ଥିବା ମଧ୍ୟ ଫଟୋରେ ଦେଖିବାକୁ ମିଳିଛି ।

ସେପଟେ କଙ୍ଗନା ମଧ୍ୟ ଭିକ୍କି ଓ ଅଙ୍କିତାଙ୍କ ସଙ୍ଗୀତ ସେରେମୋନିରେ ଯୋଗ ଦେବା ପାଇଁ ଯେଉଁ ଲୁକ୍ ଧାରଣ କରିଥିଲେ ତା'ର ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି । ଏହାକୁ ଶେଆର କରି ସେ କ୍ୟାପସନରେ ଲେଖିଛନ୍ତି, 'ପ୍ରେମ କର ଯୁଦ୍ଧ ନୁହେଁ, ଆଜି ମୋ ବନ୍ଧୁଙ୍କ ବାହାଘର ।' ତାଙ୍କର ଏହି ଷ୍ଟାଇଲ୍‌କୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି । ସୂଚନା ମୁତାବକ, ଅଙ୍କିତା ଲୋଖଣ୍ଡେ ଏବଂ କଙ୍ଗନା ରାନାୱତ ଫିଲ୍ମ 'ମାଣିକର୍ଣ୍ଣିକା'ରେ ଏକାଠି କାମ କରିଥିଲେ । ପୂର୍ବରୁ ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଗାର୍ଲଫ୍ରେଣ୍ଡ ଥିବା ଅଙ୍କିତା ୨୦୧୮ରୁ ଭିକ୍କି ଜୈନ୍‌ଙ୍କ ଡେଟ୍ କରୁଛନ୍ତି । ଭିକ୍କି ପେଶାରେ ଜଣେ ବିଜ୍‌ନେସ୍ ମ୍ୟାନ ।

ହରନାଜଙ୍କୁ ନେଇ ବଲିଉଡରେ ଚହଳ

ଦୀର୍ଘ ୨୧ ବର୍ଷ ପରେ ଭାରତକୁ ମିଳିଛି ତୃତୀୟ ମିସ୍ ୟୁନିଭର୍ସ ଟାଇଟଲ୍ । ପଞ୍ଜାବର ହରନାଜ ସାନ୍ଧୁ ଚଳିତ ବର୍ଷ ମିସ୍ ୟୁନିଭର୍ସ ମୁକୁଟ ପିନ୍ଧିବାର ଗୌରବ ହାସଲ କରିଛନ୍ତି । ଏ ନେଇ ବିଭିନ୍ନ ମହଲରୁ ତାଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି, ଯାହା ସ୍ୱାଭାବିକ । ତେବେ ଅନ୍ୟପଟେ ହରନାଜଙ୍କୁ ନେଇ ବଲିଉଡ୍‌ରେ ଏବେ ଚହଳ ପଡ଼ିଛି । ପ୍ରଯୋଜକମାନେ ସେମାନଙ୍କ ଚଳଚ୍ଚିତ୍ରରେ ତାଙ୍କୁ ନାୟିକା ଭାବେ ନେବା ଲାଗି ଏକପ୍ରକାର ପ୍ରତିଯୋଗିତା ଚଳାଇଛନ୍ତି ।

କୁହାଯାଉଛି, ମିସ୍ ୟୁନିଭର୍ସ ଟାଇଟଲ୍ ହାସଲ ପରେ ସୁସ୍ମିତା ସେନ (୧୯୯୪) ଓ ଲାରା ଦତ୍ତା (୨୦୦୦) ଯେମିତି ବଲିଉଡ୍‌ରେ ପ୍ରବେଶ କଲେ, ହରନାଜ ମଧ୍ୟ ସେମିତି ବଲିଉଡ୍ ?ରେ ପାଦ ଦେବେ । ସୁସ୍ମିତା ଓ ଲାରା ମିସ୍ ୟୁନିଭର୍ସ ହେବା ଭିତରେ ଯେଉଁସବୁ ଅଭିଜ୍ଞତା ହାସଲ କରିଥିଲେ, ତାହାରି ବଳରେ ସେମାନେ ଯଥାକ୍ରମେ 'ବିବି ନମ୍ବର ୧', 'ମେ ହୁଁ ନା', 'ମୈନେ ପ୍ୟାର କ୍ୟୋଁ କିଆ', 'ହିନ୍ଦୁସ୍ଥାନ କୀ କସମ' ଏବଂ 'ଅନ୍ଦାଜ', 'ନୋ ଏଣ୍ଟ୍ରି', 'ହାଉସଫୁଲ', 'ଚଲୋ ଦିଲ୍ଲୀ' ଭଳି ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟିଦେଇଛନ୍ତି ।

ହରନାଜ ମଧ୍ୟ ମିସ୍ ୟୁନିଭର୍ସ ଅଭିଜ୍ଞତା ଆଧାରରେ ବଲିଉଡ୍‌ରେ ସଫଳ ହେବେ ବୋଲି ଆଲୋଚନା ଚାଲିଛି । ମିସ୍ ୟୁନିଭର୍ସ ହେବା ପଛର ଅଭିଜ୍ଞତା ଛଡ଼ା ହରନାଜଙ୍କ ପାଖରେ ମଡେଲିଂ ଓ ଏକାଧିକ ଆଞ୍ଚଳିକ ଚଳଚ୍ଚିତ୍ରରେ ଅଭିନୟ କରିବାର ଅଭିଜ୍ଞତା ରହିଛି । ସେ 'ୟାରା ଦିଆଁ ପୋ ବାରାନ' ଓ 'ବାଇ ଜି କୁଟାଙ୍ଗେ' ନାମକ ଦୁଇଟି ପଞ୍ଜାବୀ ଚଳଚ୍ଚିତ୍ରରେ ଅଭିନୟ କରି ବେଶ ପ୍ରଶଂସା ସାଉଁଟିଛନ୍ତି । ଉଭୟ ଚଳଚ୍ଚିତ୍ର ଚଳିତ ବର୍ଷ ମୁକ୍ତିଲାଭ କରିଥିଲା ।

ପୁଣି ବଡ଼ ପରଦାରେ ମହାଶ୍ୱେତା

ଓଡ଼ିଆ ସିନେଜଗତର ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ପୁଣି ଏକ ଓଡ଼ିଆ ସିନେମାରେ ଅଭିନୟ କରୁଥିବା ଜଣାଯାଇଛି । ଏହି ସିନେମାର ଶୀର୍ଷକ ହେଲା 'ତୋ ନା ର ମାନେ ହଁ' । ଜୋକର ପ୍ଲସ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ସିନେମାରେ ନାୟକ ଭୂମିକାରେ ଥିବା ସମ୍ବିତଙ୍କ ସହ ଦୁଇଜଣ ନାୟିକା ଅଛନ୍ତି । ଏ ଦୁହେଁ ହେଲେ ରୀୟା ଓ କାବ୍ୟା । ଏତଦବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା,

ଅମର ଓ ସୋମା ଭୌମିକ ବି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ଅଭିଜିତ ମଜୁମଦାର ଏହି ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଓଲିଉଡର ଲୋକପ୍ରିୟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଏହି ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଛନ୍ତି ।

ଏହି ସିନେମା ଜରିଆରେ ସୁଧାଂଶୁମୋହନ ସାହୁ ପୁଣି ଥରେ ମହାନାୟିକା ମହାଶ୍ୱେତାଙ୍କୁ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଛନ୍ତି । ସୁଧାଂଶୁ ତରଙ୍ଗ ସିନେ ପ୍ରଡକ୍ସନର ଫିଲ୍ମ 'ଚୁମକି ମାଇଁ ଡାର୍ଲିଙ୍ଗ'ରେ ମହାଶ୍ୱେତାଙ୍କୁ ପ୍ରଥମ ଥର ଲାଗି ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଥିଲେ । ଏଥିରେ ମହାଶ୍ୱେତା ନାୟିକା ଭୂମିକାରେ ଅଭିନୟ କରିଥିଲେ । ତେବେ ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କରି ନଥିଲା ।, ଛୋଟ ପରଦାରେ ପ୍ରମିଅର୍ ହୋଇଥିଲା ।

ସୂଚନାଯୋଗ୍ୟ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି 'ଶେଷ ଶ୍ରାବଣ' ଜରିଆରେ ନାୟିକା ଭାବେ କ୍ୟାରିଅର୍ ଆରମ୍ଭ କରିଥିଲେ ମହାଶ୍ୱେତା । ଏହାପରେ ତାଙ୍କୁ ୫୦ରୁ ଅଧିକ ଓଡ଼ିଆ ସିନେମାର ନାୟିକା ଏବଂ ଚରିତ୍ର ଅଭିନେତ୍ରୀଭାବେ ଦେଖିବାକୁ ପାଇଛନ୍ତି ଦର୍ଶକ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ଚଳଚ୍ଚିତ୍ର ପୁରସ୍କାର 'ଜୟଦେବ'ପୁରସ୍କାରର ବିଜୟିନୀ ବି ହୋଇଛନ୍ତି ମହାଶ୍ୱେତା । ତାଙ୍କୁ ଶେଷ ଥରଲାଗି ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ସାଥୀ ତୁ ଫେରିଆ'ରେ ବଡ଼ ପରଦାରେ ଦେଖିବାକୁ ପାଇଥିଲେ ସିନେପ୍ରେମୀ ।

ଆଲିୟାଙ୍କ 'ପୁ' ରୂପ !

ଗତ ଏକ ସପ୍ତାହ ହେଲା ବଲିଉଡ୍ ନିର୍ଦ୍ଦେଶକ-ପ୍ରଯୋଜକ କରନ ଜୋହର ତାଙ୍କର ଅତ୍ୟନ୍ତ ଲୋକପ୍ରିୟ ବଲିଉଡ୍ ଚଳଚ୍ଚିତ୍ର 'କଭି ଖୁସି କଭି ଗମ୍' ମୁକ୍ତିଲାଭର ୨୦ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ଏହି ଚଳଚ୍ଚିତ୍ରଟି ଯେ କେବଳ ଲୋକଙ୍କର ଅଜସ୍ର ମନୋରଂଜନ କରିଥିଲା ତାହା ନୁହେଁ, ଅନେକ ଉଦୀୟମାନ ଅଭିନେତା-ଅଭିନେତ୍ରୀ ଏଥିରୁ ପ୍ରେରଣା ମଧ୍ୟ ପାଇଛନ୍ତି । ତେଣୁ ଏହି ଅବସରରେ ବଲିଉଡ୍‌ର ଅନେକ ତାରକା ଏହି ଚଳଚ୍ଚିତ୍ରର ସ୍ମରଣୀୟ ତଥା ପ୍ରିୟ ଦୃଶ୍ୟଗୁଡ଼ିକରେ ନିଜେ ଅଭିନୟ କରି ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି ।

ବଲିଉଡ୍‌ର ବେବୋ ବା କରୀନା କପୁର ଖାନ ଏଥିରେ ଟୁଲ୍ ?ବୁଲି 'ପୁ' ଚରିତ୍ରରେ ଅଭିନୟ କରି ସଭିଙ୍କ ହୃଦୟ ଜିଣିଥିଲେ । ଚଳଚ୍ଚିତ୍ରର ଏକ ସ୍ମରଣୀୟ ଦୃଶ୍ୟକୁ ଆଲିୟା ଭଟ୍ଟ ପୁଣି ଥରେ ତିଆରି କରିବାକୁ ଚେଷ୍ଟା କରିଛନ୍ତି । ଇନଷ୍ଟାଗ୍ରାମ୍‌ରେ ଛାଡ଼ିଥିବା ଏକ ଛୋଟ ଭିଡିଓରେ ଆଲିୟା କରୀନାଙ୍କ ଭୂମିକାରେ ଦେଖାଦେଇଥିବା ବେଳେ ରଣବୀର ସିଂହ ରତିକ ରୋଶନଙ୍କ ଭୂମିକାରେ ଅଭିନୟ କରିଛନ୍ତି । ଏହି ଦୃଶ୍ୟଟି ସାମାଜିକ ଗଣମାଧ୍ୟମରେ ଭାଇଲାର୍ ହେବାରେ ଲାଗିଛି ।

ସ୍ୱାଇଡର୍ ମ୍ୟାନ୍ ଫିଲ୍ମ ଟିକେଟ୍ ପାଇଁ ଭିକ ମାଗିଲେ ଶିଳ୍ପା

ବଲିଉଡର ଫିଟ୍‌ନେସ୍ କୁଇନ୍ ଶିଳ୍ପା ଶେଟ୍ଟୀ । ଏବେ ସେ ମାଗୁଛନ୍ତି ଭିକ୍ । ଗୋଟିଏ ଫିଲ୍ମ ଟିକେଟ୍ ପାଇଁ ଯୋଡିଛନ୍ତି ହାତ, ସେ ପୁଣି ସ୍ୱାଇଡର ମ୍ୟାନ୍ ଆଗରେ । ଫିଲ୍ମ ସ୍ୱାଇଡର ମ୍ୟାନ୍ ଦେଖିବା ପାଇଁ ସେ ପାଗଳ ହୋଇଯାଇଛନ୍ତି । ଟିକେଟ୍ ନମିଳିବା ପରେ ସେ ସ୍ୱାଇଡରମ୍ୟାନ୍ ଆଗରେ ହିଁ ହାତ ଗୋଡ ଯୋଡିବା ସହ ଡ୍ୟାନ୍ସ କରି ମଧ୍ୟ ଦେଖାଇଛନ୍ତି । କିନ୍ତୁ ଏତେ ସବୁ କରିବା ପରେ ବି ତାଙ୍କୁ ଟିକେଟ ଖଣ୍ଡେ ମିଳିନାହିଁ । ଏଭଳି କିଛି ଭିଡିଓ ଏବେ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ପ୍ରକୃତରେ ହଲିଉଡ ଫିଲ୍ମ 'ସ୍ୱାଇଡର୍ ମ୍ୟାନ୍ ନୋ ୱେ ହୋମ୍' ଆଜି ରିଲିଜ ହୋଉଛି । ଏହି ଫିଲ୍ମକୁ ନେଇ ଫ୍ୟାନ୍‌ମାନଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ ରହିଛି । ଫିଲ୍ମକୁ ଦେଖିବା ପାଇଁ ଫ୍ୟାନ୍‌ମାନେ ଏତେ ପାଗଳ ଯେ, ଆଡଭାନ୍ସ ବୁକିଂରେ ମଧ୍ୟ ଟିକେଟ୍ ମିଳୁନି । ଲୋକଙ୍କୁ ଟିକେଟ ମିଳିବା କଷ୍ଟକର ହୋଇପଡିଛି । ଏଭଳି ଅବସ୍ଥା କେବଳ ସାଧାରଣ ଲୋକଙ୍କ ନୁହେଁ ବଲିଉଡ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ମଧ୍ୟ ଦେଖିବାକୁ ମିଳିଛି । ନିକଟରେ ଅଭିନେତ୍ରୀ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ନିଜେ ସ୍ୱାଇଡର ମ୍ୟାନଙ୍କ ଠାରୁ ଟିକେଟ ମାଗୁଥିବା ନଜର ଆସିଛନ୍ତି । ସୋସିଆଲ ମିଡିଆରେ ଶିଳ୍ପାଙ୍କ ଭିଡିଓକୁ ବେଶ୍ ପସନ୍ଦ କରାଯାଉଛି । ଏହି ଭିଡିଓଟି କିଛି ଘଣ୍ଟା ମଧ୍ୟରେ ଲକ୍ଷ ଲକ୍ଷ ଭ୍ୟୁ ପାଇଛି । ଭିଡିଓରେ ଶିଳ୍ପା ଶେଟ୍ଟୀ 'ସ୍ୱାଇଡର୍ ମ୍ୟାନ୍: ନୋ ୱେ ହୋମ୍' ପାଇଁ ଟିକେଟ୍ ବୁକିଂ କରୁଥିବା ବେଳେ ହଠାତ୍ ସେ ସ୍ୱାଇଡର୍ ମ୍ୟାନ୍‌ଙ୍କୁ ଭେଟୁଛନ୍ତି । ଏହାପରେ ସେ ସ୍ୱାଇଡର ମ୍ୟାନଙ୍କୁ ଟିକେଟ ପାଇଁ ଗୁହାରି କରୁଛନ୍ତି ଏପରିକି ତା' ଆଗରେ ଭିକ ମଧ୍ୟ ମାଗୁଛନ୍ତି, କିନ୍ତୁ ସେ ମନା କରିଦେଉଛନ୍ତି । ଏହା ପରେ ଶିଳ୍ପା କହୁଛନ୍ତି, ମୁଁ ତୁମକୁ କିଛି ଶିଖାଇବି ଏବଂ ତୁମେ ମୋତେ ତା'ବଦଳରେ ଟିକେଟ ଦେବ । ପ୍ରଥମେ ଶିଳ୍ପା ସ୍ୱାଇଡର ମ୍ୟାନ୍‌ଙ୍କୁ ଡ୍ୟାନ୍ସ ଷ୍ଟେପ୍ ଶିଖାଉଛନ୍ତି ଏହାପରେ ସେ 'ଚୁରା କେ ଦିଲ ମେରା...' ଗୀତର ହୁକ୍ ଷ୍ଟେପ କରୁଛନ୍ତି । କିନ୍ତୁ ଏତେ ସବୁ ପରେ ବି ସ୍ୱାଇଡ୍‌ର ମ୍ୟାନ୍ ଶିଳ୍ପାଙ୍କୁ ଟିକେଟ ଦେବା ପାଇଁ ମନା କରିଦେଉଛନ୍ତି । ଏହି ଭିଡିଓ ଏବେ ସୋଶାଲ ମିଡିଆରେ ଜୋରସୋରରେ ଭାଇରାଲ ହେବାରେ ଲାଗିଛି । ଅନେକ ଲୋକେ ଶିଳ୍ପାଙ୍କ ଏହି ମଜାଦାର ଭିଡିଓକୁ ଦେଖି ତାଙ୍କର ପ୍ରଶଂସା କରିଛନ୍ତି ତ ଆଉ କିଛି ଓଭର ଆକ୍ଟିଂ କରୁଥିବା କହି ତାଙ୍କୁ ଟ୍ରୋଲ କରିଛନ୍ତି । ସୂଚନା ମୁତାବକ, ଆଜି ହଲିଉଡର ବହୁ ଚର୍ଚ୍ଚିତ ଫିଲ୍ମ 'ସ୍ୱାଇଡର ମ୍ୟାନ୍ ନୋ ୱେ ହୋମ୍' ୱାର୍ଲ୍ଡ ୱାଇଡ୍ ରିଲିଜ ହୋଇଛି । ଇଂଲିଶ, ହିନ୍ଦୀ, ତାମିଲ, ତେଲୁଗୁ ଭାଷାରେ ଫିଲ୍ମଟିକୁ ରିଲିଜ କରାଯାଇଛି । ସେପଟେ ଆମେରିକାରେ ଆସନ୍ତାକାଲି ଏହି ଫିଲ୍ମଟି ରିଲିଜ ହେବ ।

ସମନ୍ଥାଙ୍କୁ ନେଇ ମାମଲା ରୁଜୁ: ବ୍ୟାନ୍ କରିବାକୁ ଦାବି

ସ୍ୱାମୀ ନାଗା ଚୈତନ୍ୟଙ୍କଠାରୁ ଛାଡପତ୍ର ହେବା ପରେ ଲଗାତାର ଚର୍ଚ୍ଚାରେ ଅଛନ୍ତି ସାଉଥ ସୁନ୍ଦରୀ ସମନ୍ଥା ରୁଥ ପ୍ରଭୁ । ତାଙ୍କୁ ନେଇ ପ୍ରାୟତଃ କିଛି ନା କିଛି ଖବର ମିଡିଆରେ ଆସୁଛି । ଏବେ ପୁଣିଥରେ ସେ ଚର୍ଚ୍ଚାକୁ ଆସିଛନ୍ତି । ହେଲେ ଏଥର ଅଡୁଆରେ ଫସିଛନ୍ତି ସମନ୍ଥା । ତାଙ୍କୁ ନେଇ ଥାନାରେ ରୁଜୁ ହୋଇଛି ମାମଲା । ଏପରିକି ବ୍ୟାନ୍ କରିବାକୁ ମଧ୍ୟ ଉଠିଛି ଦାବି । ନିକଟରେ ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା'ର ଆଇଟମ୍ ଗୀତ ରିଲିଜ ହୋଇଛି । ଏହି ଗୀତରେ ସମନ୍ଥାଙ୍କ ଜବରଦସ୍ତ ଡ୍ୟାନ୍ସ ମୁଭ୍ ରହିଛି । ଏହି ଗୀତଟୁକୁ ବେଶ୍ ପସନ୍ଦ ମଧ୍ୟ କରଯାଉଛି, କାରଣ ପ୍ରଥମ କରି ଏହି ଗୀତ ଜରିଆରେ ସମନ୍ଥା ଏକ ଆଇଟମ୍ ନମ୍ବରରେ ନଜର ଆସିଛନ୍ତି । ତେବେ ଏହି ଗୀତକୁ ନେଇ ଏବେ ଫିଲ୍ମର ଅଡୁଆ ବଢ଼ିଛି । ସମନ୍ଥାଙ୍କ ଏହି ଆଇଟମ ଗୀତକୁ ନେଇ ଏକ ପୁରୁଷ ସଂଘ ଥାନାରେ ମାମଲା ରୁଜୁ କରିଛି । ଅଭିଯୋଗ ମୁତାବକ, ଗୀତରେ ପୁରୁଷମାନଙ୍କ ଛବିକୁ ଭୁଲ୍ ଭାବେ ଦର୍ଶାଯାଇଛି । ତେଣୁ ଏହି ଏହାକୁ ବ୍ୟାନ୍ କରିବା ପାଇଁ ଆନ୍ଧ୍ରପ୍ରଦେଶର କୋର୍ଟରେ ସଂଘ ଦାବି କରିଛି । ସେପଟେ ଏହି ମାମଲା ସାମ୍ନାକୁ ଆସିବା ପରେ ଫିଲ୍ମ ରିଲିଜ ହେବାର କିଛି ଦିନ ପୂର୍ବରୁ ହିଁ ଏଭଳି ବିବାଦ ଉପୁଜିଥିବାକୁ ନେଇ ଫିଲ୍ମ ନିର୍ମାତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସୂଚନା ମୁତାବକ, ସମନ୍ଥାଙ୍କ ଏହି ଆଇଟମ ଗୀତକୁ ଦେବୀ ଶ୍ରୀ ପ୍ରସାଦ କମ୍ପୋଜ କରିଛନ୍ତି । ସେହିପରି ତାମିଲରେ ବିବେକ ଏବଂ ତେଲୁଗୁରେ ଚଙ୍ଗଦ୍ରାବୋସ୍ ଲିରିକ୍ସ ଲେଖିଛନ୍ତି । ନିକଟରେ ଫିଲ୍ମ 'ପୁଷ୍ପା'ର ଟ୍ରେଲର ରିଲିଜ ହୋଇଥିଲା । ରିଲିଜ ହେବାର କିଛି ସମୟ ଭିତରେ ହିଁ ଏହା ସୋଶାଲ ମିଡିଆରେ ଜବରଦସ୍ତ ଧମାଲ କରିଥିଲା । ଆଲ୍ଲୁ ଅର୍ଜୁନଙ୍କ ଡିଫରେଣ୍ଟ ଲୁକ୍ ସମସ୍ତଙ୍କୁ ଆସିଥିଲା ପସନ୍ଦ । ସେହିପରି ରଶ୍ମୀକା ମନ୍ଦନାଙ୍କ ଗାଉଁଳି ଅନ୍ଦାଜ ଫ୍ୟାନ୍‌ମାନଙ୍କୁ ପାଗଳ କରିଥିଲା । ସୁକୁମାରଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମ ଆସନ୍ତା ୧୭ ତାରିଖରେ ବଡ ପରଦାକୁ ଆସିବ । ଫିଲ୍ମଟି ୨ ଭାଗରେ ତାମିଲ, ତେଲୁଗୁ, ମାଲୟାଲମ୍, କନ୍ନଡ ଏବଂ ହିନ୍ଦୀରେ ମୁକ୍ତିଲାଭ କରିବ ।

ମୁହଁ ଖୋଲିଲେ ଅଭିନେତ୍ରୀ, 'ମୁଁ ବି କାଷ୍ଟିଂ କାଉଚ୍‌ର ଶିକାର ହୋଇଛି'

ବଲିଉଡର ଚକାଚକ ଦୁନିଆ ଭିତରେ ଲୁଚି ରହିଛି କାଷ୍ଟିଂ କାଉଚ୍‌ର ଅନେକ କଳା କାହାଣୀ । ଶୋବିଜ୍ ଦୁନିଆରେ କାଷ୍ଟିଂ କାଉଚ୍ ହେଉଛି ଏକ ଏଭଳି କଳା ଦାଗ, ଯେଉଁଥିପାଇଁ ପୂରା ଫିଲ୍ମ ଇଣ୍ଡଷ୍ଟ୍ରି ବଦନାମ୍ । ଅନେକ ସେଲେବ୍ରିଟି କାଷ୍ଟିଂ କାଉଚର ଶିକାର ହୋଇଛନ୍ତି । ଏହାକୁ ନେଇ ଅନେକ ସ୍ୱର ଉତ୍ତୋଳନ ମଧ୍ୟ କରିଛନ୍ତି । ଏବେ ଏହି ତାଲିକାରେ ଆଉଜଣେ ନାମୀଦାମୀ ଅଭିନେତ୍ରୀଙ୍କ ନାଁ ସାମିଲ ହୋଇଛି । ନିକଟରେ ଅଭିନେତ୍ରୀ ସୁରଭିନ୍ ଚାୱଲା ସେ ମଧ୍ୟ କାଷ୍ଟିଂ କାଉଚ୍‌ର ଶିକାର ହୋଇଥିବା ନେଇ ମୁହଁ ଖୋଲିଛନ୍ତି । ଏକ ରେଡିଓ କାର୍ଯ୍ୟକ୍ରମର ସାକ୍ଷାତକାରରେ ନିଜ ସହ ଘଟିଥିବା ସେହି କଳା କାରନାମାର ସେ ଖୁଲାସା କରିଛନ୍ତି । ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଧିକା ସଂଖ୍ୟାରେ କାଷ୍ଟିଂ କାଉଚ କରାଯାଉଥିବା ସେ କହିଛନ୍ତି । ସୁରଭିନ୍ କହିଛନ୍ତି, ଯେତେବେଳେ ସେ ଟେଲିଭିଜନ ଜଗତରୁ ଫିଲ୍ମରେ ନିଜ କ୍ୟାରିଅର ଆରମ୍ଭ କରିବାକୁ ଚେଷ୍ଟା କରୁଥିଲେ ସେତେବେଳେ ତାଙ୍କୁ କାଷ୍ଟିଂ କାଉଚର ସମ୍ମୁଖୀନ ହେବାକୁ ପଡିଥିଲା । ମୁମ୍ବାଇରେ ତାଙ୍କର ପ୍ରଥମ ଫିଲ୍ମର ମିଟିଂ ବେଳେ ତାଙ୍କ ସହିତ ଏଭଳି ଘଟିଥିଲା । ତାଙ୍କୁ ତାଙ୍କର ରୂପ, ଓଜନ, ଅଣ୍ଟା ଏବଂ ଛାତି ଆକାର ଉପରେ ପ୍ରଶ୍ନ ପଚରାଯଇଥିଲା । ସେତେବେଳେ ସେ ନିଜକୁ ସନ୍ଦେହ କରିବା ଆରମ୍ଭ କରିଥିଲେ । ସୁରଭିନ୍ କହିଛନ୍ତି, ଏହି ପାରାମିଟରଗୁଡିକ ଦ୍ୱାରା ଜଣେ ମହିଳାଙ୍କୁ ବ୍ୟାଖ୍ୟା କରାଯାଇପାରିବ ନାହିଁ । ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରି ଆଡକୁ ଇସାରା କରି ସୁରଭିନ୍ କହିଛନ୍ତି, 'ସେଠାରେ ଏଭଳି ଅଧିକସଂଖ୍ୟାରେ ଘଟୁଥିଲା, କିନ୍ତୁ ଏବେ କିଛି ବର୍ଷ ଭିତରେ ଏହା ପୂରା ବଦଳିଯାଇଛି । ପ୍ରାରମ୍ଭିକ ଦିନ ତାଙ୍କ ପାଇଁ ବେଶ୍ କଷ୍ଟସାଧ୍ୟ ଥିଲା, କିନ୍ତୁ ବର୍ତ୍ତମାନ ବଡିସେମିଂ ଭଳି ଜିନିଷ ଧୀରେ ଧୀରେ ବଦଳୁଛି, ମାନସିକ ସ୍ୱାସ୍ଥ୍ୟ ଏବଂ ରିଜେକସନ୍ ଉପରେ ଆଲୋଚନା ହେଉଛି ।' ସୂଚନା ମୁତାବକ, ସୁରଭିନ୍ ସିରିଏଲ୍ 'କହିଁ ତୋ ହୋମା'ରୁ ଅଭିନୟ ଜଗତରେ ଡେବ୍ୟୁ କରିଥିଲେ ।

ବଡ଼ ସଙ୍କଟରୁ ବର୍ତ୍ତିଗଲେ କରଣ ଜୋହର

ବଡ଼ ସଙ୍କଟରୁ ବର୍ତ୍ତିଗଲେ ଫିଲ୍ମ ନିର୍ମାତା କରଣ ଜୋହର । ସେ ମହାମାରୀ କରୋନାରୁ ବର୍ତ୍ତି ଯାଇଛନ୍ତି । ତାଙ୍କ କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଛି । ଗତକାଲି କରୀନା କପୁ

ସତ୍ତାର ସଂସ୍କୃତି ନୁହେଁ, ସଂସ୍କୃତିର ସତ୍ତା ହିଁ କାମ୍ୟ- ରାଜ୍ୟପାଳ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ଭାରତରେ ଗଣତନ୍ତ୍ରର ଐତିହ୍ୟ ଓ ପରମ୍ପରା ବେଶ ପ୍ରାଚୀନ ଏବଂ ଏହାର ଉତ୍ସ ଓ ଆଧାର ହେଉଛି ଆଧ୍ୟାତ୍ମିକତା । ସମଗ୍ର ବିଶ୍ୱକୁ କୁଟୁମ୍ବ ଜ୍ଞାନ କରୁଥିବା ଭାରତ ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନ ଦେବା ସହିତ ପ୍ରତ୍ୟେକଙ୍କ ମଧ୍ୟରେ ଏକତା ଓ ଅଭିନ୍ନତାର ଭାବ ପ୍ରସାରିତ କରିଆସିଛି । ଏବଂ ଏହି ଭାବ ସୁଗନ୍ଧକୁ ନିଜ କ୍ରିୟାଶୀଳତାରେ ସତରାଇଛନ୍ତି ନରେନ୍ଦ୍ର ମୋଦି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ଇଡ଼କଲ ପ୍ରେକ୍ଷାଳୟରେ ଆୟୋଜିତ 'ଦୁଇ ଦଶନ୍ଧି ସରକାର ମୁଖ୍ୟ ରୂପେ ନରେନ୍ଦ୍ର ମୋଦି ଓ ଗଣତନ୍ତ୍ର ପ୍ରକ୍ରିୟା' ଶୀର୍ଷକ ଆଲୋଚନାରେ ଯୋଗ ଦେଇ ରାଜ୍ୟପାଳ କହିଲେ ଯେ ସତାର ସଂସ୍କୃତି ନୁହେଁ ସଂସ୍କୃତିର ସତା ହିଁ କାମ୍ୟ । ପଦପଦବୀଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାଧାରଣ ଜନତାର ପାଦସେବା । ଏହା ହିଁ ଗଣତନ୍ତ୍ରର ଆତ୍ମା ଓ ସ୍ୱରୂପ । ଏ କ୍ଷେତ୍ରରେ ଭାରତ ବିଶ୍ୱ ବନ୍ଦନୀୟ ହେବାକୁ ଯାଉଛି । ସମଗ୍ର ବିଶ୍ୱରେ ଯୋଗର ପ୍ରସାରରେ ଆଧ୍ୟାତ୍ମ ଭାବର ପ୍ରସାର ଘଟିଛି । ସୂକ୍ଷ୍ମ ଭାବରେ ଅନୁଶୀଳନ କଲେ ନରେନ୍ଦ୍ର ମୋଦିଙ୍କ ବିପୁଳ ଅନୁଭବ, ଅନୁଭୂତି, ଉପଲବ୍ଧି ଓ ବହୁସ୍ତରୀୟ ଅଭିଜ୍ଞତା ଭାରତକୁ ଗୌରବାନ୍ୱିତ କରିଛି ବୋଲି ରାଜ୍ୟପାଳ ପ୍ରଫେସର ଲାଲ କହିଛନ୍ତି । ବିଶିଷ୍ଟ ଲେଖକ ତଥା ଚିନ୍ତକ ହରପ୍ରସାଦ ଦାସ ଭାରତରେ ଗଣତନ୍ତ୍ର ଏକ ନିରନ୍ତର ପ୍ରକ୍ରିୟା ଓ ପାଶ୍ଚାତ୍ୟ ଚିନ୍ତନଠୁ ଏହା ଭିନ୍ନ ଏବଂ ନରେନ୍ଦ୍ର ମୋଦି ନିଜସ୍ୱ ଶୈଳୀରେ ଏହାର ପ୍ରତିଷ୍ଠା ଓ ପ୍ରସାରଣ କରୁଥିବା ପ୍ରକାଶ କରିଥିଲେ । ପ୍ରଫେସର ଚିନ୍ତାମଣି ମହାପାତ୍ର ଓ ପ୍ରଫେସର ଶ୍ରୀରାମ ଚାଉଲିଆ ପ୍ରମୂଖ ଶାସନ ମୁଖ୍ୟ ଭାବରେ ନରେନ୍ଦ୍ର ମୋଦିଙ୍କ ଦୁଇ ଦଶକକୁ ଗଣତନ୍ତ୍ର ପ୍ରକ୍ରିୟା ପରିପ୍ରେକ୍ଷୀରେ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରିଥିଲେ ।ରାମଭାଉ ମହାଲଗ ପ୍ରବୋଧିନ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଲେବର ପ୍ରୋଗ୍ରେସିଭ ଫେଡ଼େରେସନ ସହ ୨୦ଟି ଶ୍ରମିକ ସଂଗଠନ ସହବନ୍ଧିତ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ଦେଶର ଏକ ପ୍ରମୁଖ ଓ ଅଗ୍ରଣୀ କେନ୍ଦ୍ରୀୟ ସଂଗଠନ ଲେବର ପ୍ରୋଗ୍ରେସିଭ ଫେଡ଼େରେସନ (ଏଲ୍.ପି.ଏଫ୍) ଓଡ଼ିଶାରେ ବିଧିବଦ୍ଧ ଭାବେ ବୁଧବାର ସ୍ଥାନୀୟ ବିଦ୍ୟୁତ୍ ୟୁଥ୍ କ୍ଲବଠାରେ ଏହାର କାର୍ଯ୍ୟକ୍ରମ ଆରମ୍ଭ କରିଛି । ଦେଶର ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ତଥା ବ୍ୟାଙ୍କ, ରେଲୱେ, ପ୍ରତିରକ୍ଷା, ଟେଲିକମ୍, ଲୌହ, ଇସ୍ପାତ, ଆଲୁମିନିୟମ, ଖଣି, ଖଦାନ, ବିଦ୍ୟୁତ୍, ଶିଳ୍ପ ଆଦି କ୍ଷେତ୍ରରେ କାର୍ଯ୍ୟରତ ଅସଂଖ୍ୟ ଶ୍ରମିକ ସମୂହଙ୍କ ସୁରକ୍ଷା ତଥା ଅଧିକାର ପାଇଁ ଆଜିକୁ ଦୀର୍ଘ ପାଂଚ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସଂଗ୍ରାମ କରି ଆସୁଥିବା ଉକ୍ତ ସଂଗଠନ ୨୦୦୮ ମସିହାରୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଭାବେ ଭାରତ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ମାନ୍ୟତା ପାଇବା ପରଠାରୁ ଏହାର କାର୍ଯ୍ୟକ୍ରମ ୧୯ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରଖିଥିବା ସ୍ଥଳେ ଓଡ଼ିଶା ଭଳି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର ଉପସ୍ଥିତି ଶ୍ରମିକ ଓ କୃଷକ ଆନ୍ଦୋଳନକୁ ଏକ ନୂତନ ଦିଶା ଦେବାରେ ଆଶା ସଂଚାର କରିଛି । ଏହାକୁ କେନ୍ଦ୍ରୀୟ ମାନ୍ୟତା ତଥା ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ୍.ଓ) ମାନ୍ୟତା ହାସଲ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଶ୍ରମିକ ନେତା ଏମ୍. ସାନ୍‌ମୁଗମ ଏହାର ଜାତୀୟ ମହାସଚିବ ଭାବେ ଅବସ୍ଥାପିତ ହୋଇଥିବା ସ୍ଥଳେ ବର୍ତମାନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହାର ଜାତୀୟ ଆବାହକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ପରି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଓଡ଼ିଶା ରାଜ୍ୟର ପ୍ରଥମ ସଭାପତି ତଥା ଜାତୀୟ ଉପସଭାପତି ଭାବେ ବିଶିଷ୍ଟ ଶ୍ରମିକ ନେତା ବିରେନ୍ଦ୍ର ପ୍ରସାଦ ଦାସ, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କେନ୍ଦ୍ରୀୟ ପ୍ରଶାସନିକ କମିଟି ସଦସ୍ୟ ଭାବେ ଶ୍ରମିକ ନେତା ତଥା ସମବାୟବିତ୍ ମଧୁସୂଦନ ପ୍ରଧାନ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ପ୍ରଶାସନିକ ସଦସ୍ୟ ଭାବେ ଅଗ୍ରଣୀ ଯୁବ ଶ୍ରମିକ ନେତା ମନୋରଞ୍ଜନ ମହାରଣାଙ୍କୁ ମନୋନୀତ କରାଯାଇଛି ।

ଭୁବନେଶ୍ୱର-ନୟାଗଡ଼ ଟାଉନ୍ ମେମୁରେ ସିସିଟିଭି

ଭୁବନେଶ୍ୱର,୧୬/୧୨ (ନି.ପ୍ର): ଭୁବନେଶ୍ୱର-ନୟାଗଡ଼ ଟାଉନ ମେମୁ ଟ୍ରେନ ରେ ସିସିଟିଭି ପର୍ଯ୍ୟବେକ୍ଷଣ ସହିତ ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି । ଟ୍ରେନ୍ ସମ୍ବନ୍ଧୀୟ ସୂଚନା ପାଇଁ ଜିପିଏସ୍ ଆଧାରିତ ପାସେଞ୍ଜର ଇନଫରମେସନ୍ ସିଷ୍ଟମ୍ ଏବଂ ପାସେଞ୍ଜର ଆଡ୍ରେସ ସିଷ୍ଟମ୍, ଭିତର ପ୍ୟାନେଲଗୁଡିକ ମଧ୍ୟ ଫାଇବର-ସଶକ୍ତ ପ୍ଲାଷ୍ଟିକ୍ ଦ୍ୱାରା ନିର୍ମାଣ କରାଯାଇଛି ଯାହାକି ଏକ ମନୋରମ ସୌନ୍ଦର୍ଯ୍ୟ ଦୃଶ୍ୟ ପ୍ରଦାନ କରାଇବ ।

ଏହି ଟ୍ରେନ ଷ୍ଟେନଲେସ୍ ଷ୍ଟିଲ୍ ଦ୍ୱାରା ନିର୍ମିତ ଏବଂ ବାୟୁ ପ୍ରତିରୋଧକୁ ହ୍ରାସ କରିବା ପାଇଁ ଏରୋଡାଇନାମିକ୍ ଆକୃତିର ଷ୍ଟେନଲେସ୍ ଷ୍ଟିଲ୍ ଏବଂ ଅଗ୍ର ଭାଗ ଗୁଡିକ ବାୟୁ ପ୍ରତିରୋଧ କରିଥାଏ ଯାହାଦ୍ୱାରା ଶକ୍ତି ସଂଚୟ ହୁଏ । ଏର୍ଗୋନୋମିକ୍ ରଜଚ ଡ୍ରାଇଭ୍ ଡେସ୍କ ଏକ ଉତମ ଦୃଶ୍ୟ ଏବଂ ଟ୍ରେନ ପରିଚାଳନା ପାଇଁ ସହଜ କରାଇଥାଏ । ଜର୍କ ମୁକ୍ତ ଯାତ୍ରା ପାଇଁ ଏୟାର ସସପେନ୍ସ ମନିଟରିଂ ସିଷ୍ଟମ ଏବଂ ଶୀତତାପ ନିୟନ୍ତ୍ରିତ ଡ୍ରାଇଭର କ୍ୟାବିନ ଡ୍ରାଇଭରର ଆରାମକୁ ନିଶ୍ଚିତ କରାଇଥାଏ । ଏହି ମେମୁ ଟ୍ରେନ୍ ରେ ନିରାପଦ ଯାତ୍ରା ପାଇଁ ଷ୍ଟେନଲେସ୍ ଷ୍ଟିଲ୍ ସ୍ଲିପ୍ ଫ୍ରି ଚଟାଣ, ଆରାମଦାୟକ ଯାତ୍ରା ପାଇଁ କୁସନ ଯୁକ୍ତ ବେଂଚ, ସୁରକ୍ଷିତ ଏବଂ ସହଜ ଭାବେ ଗୋଟିଏ କୋଚ ରୁ ଅନ୍ୟ କୋଚ୍ ଭ୍ରମଣ ପାଇଁ କୋଚ୍ ମଧ୍ୟରେ ବ୍ୟାପକ ଭେଷ୍ଟିବୁଲ୍, ଯାତ୍ରୀଙ୍କ ସହଜ ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ ହାଲୁକା ଆଲୁମିନିୟମ୍ ଦ୍ୱୈତ ସ୍ଲାଇଡିଂ କବାଟ ଅଛି । ଉନ୍ନତ ଯାତ୍ରା ପାଇଁ ସେକେଣ୍ଡାରୀ ସସ୍ପେନସନ ବଗି, ଉନ୍ନତ ହ୍ୟାଣ୍ଡ ହୋଲଡ଼ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ମଡ୍ୟୁଲାର୍ ଟଏଲେଟ୍ ସହିତ ବାୟୋ-ଧାରଣ ଏବଂ ଟ୍ରାକ୍ ଉପରେ ସ୍ପିଲେଜ୍ ରୋକିବା, ଏଲଇଡି ଲାଇଟ୍, ଷ୍ଟେନଲେସ୍ ଷ୍ଟିଲ୍ ଲଗେଜ୍ ରେକ୍, ଆଭ୍ୟନ୍ତରୀଣ ସାଜସଜ୍ୟରେ ଫାଇବର ରିଫୋର୍ଡ ପ୍ଲାଷ୍ଟିକ୍ ସ୍ଥାନ ଇତ୍ୟାଦି ଯୋଗାଇ ଦିଆଯାଇଛି । ମେମୁ ରେକ୍ ଆଠଟି କୋଚ୍ କୁ ନେଇ ଗଠିତ ଏବଂ ଏଥିରେ ଛିଡ଼ାହୋଇ ଯାତ୍ରା କରୁଥିବା ଯାତ୍ରୀଙ୍କ ବ୍ୟତୀତ ୬୧୪ ଜଣ ବସିକି ଯାତ୍ରା କରିପାରିବେ । ଏହି ମେମୁ ୨୫ କେଭି ଏସି ଓଭରହେଡ୍ ଟ୍ରାକ୍ସନ୍ ଉପରେ ପରିଚାଳିତ ଏବଂ ଏଥିରେ ୩ଟି ପର୍ଯ୍ୟାୟ ଅନ୍-ବୋର୍ଡ ସ୍ୱଦେଶୀ ବୈଦ୍ୟୁତିକ ଟ୍ରାକ୍ସନ୍ ସିଷ୍ଟମ୍ ଅଛି, ଯାହା ୩୫% ପର୍ଯ୍ୟନ୍ତ ଶକ୍ତି ସଂଚୟ କରିବା ସହିତ ଉଇଂଣ୍ଡ ମାନର ବ୍ରେକିଂ ସିଷ୍ଟମ୍ ଦ୍ୱାରା ଉପଲବ୍ଧ କରାଯାଇଛି ।

କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚର ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ ଫେବୃୟାରୀ ୨୩ରୁ

ଭୁବନେଶ୍ୱର,୧୬/୧୨ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଏକ ମିଳିତ ବୈଠକ ଆଇଏନ୍‌ଟିୟୁସିର ସଭାପତି ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶ୍ରମିକ ବିରୋଧୀ, ଜନବିରୋଧୀ ମୋଦି ସରକାରଙ୍କ ବିରୋଧରେ ଆସନ୍ତା ଜାନୁୟାରୀ ୯ ତାରିଖରେ ରାଜ୍ୟ ସମ୍ମିଳନୀ କରାଯିବା ପାଇଁ ନିଷ୍ପତି ନିଆଯିବା ସହିତ ୨୦୨୨ ଫେବୃୟାରୀ ୨୩ ଓ ୨୪ ତାରିଖରେ ସଂସଦର ବଜେଟ ଅଧିବେଶନ ସମୟରେ ଦେଶବ୍ୟାପୀ ଧର୍ମଘଟକୁ ଓଡ଼ିଶାରେ ବ୍ୟାପକ କରିବା ଲାଗି ଆଇଏନ୍‌ଟିୟୁସି, ଏଆଇଟିୟୁସି,ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇସିସିଟିୟୁ, ଟିୟୁସିସି, ଏଆଇୟୁଟିୟୁସି ଓ ସେୱାର ଶ୍ରମିକ ନେତାମାନେ ଘୋଷଣା କରିଛନ୍ତି ।

ଆସନ୍ତା ୨୦୨୨ ଜାନୁୟାରୀ ୯ରେ ରାଜ୍ୟ ସମ୍ମିଳନୀ ସହିତ ଜିଲ୍ଲାସ୍ତରରେ ସମ୍ମିଳନୀ ଓ ମୋଦି ସରକାରର ଶ୍ରମିକ ବିରୋଧୀ ନୀତି, ଦରବୃଦ୍ଧି, ବ୍ୟାପକ ଘରୋଇକରଣ ବିରୁଦ୍ଧରେ ସାରା ରାଜ୍ୟରେ ଅଭିଯାନ କରାଯିବ ବୋଲି ନିଷ୍ପତି ନିଆଯାଇଛି । ନ୍ୟାସନାଲ ମନିଟାଇଜେସନ ପାଇପଲାଇନ ମାଧ୍ୟମରେ ଭୁବନେଶ୍ୱର ବିମାନବନ୍ଦର, ପରାଦ୍ୱୀପ ବନ୍ଦର, ନାଲ୍‌କୋ, ନୀଳାଚଳ ଇସ୍ପାତ, ଏନ୍‌ଟିପିସି ଓ ଟିସିପିଏସ୍‌କୁ ଆମ ରାଜ୍ୟରେ ମୋଦି ସରକାର ଯେଭଳି ଭାବରେ ଘରୋଇକରଣ କରିବାକୁ ମସୁଧା ଚଳାଇଛନ୍ତି, କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଏହାର ତୀବ୍ର ବିରୋଧ କରିବେ ବୋଲି ମତପ୍ରକାଶ ପାଇଛି । ମୋଦି ସରକାର ଯେଭଳି ଭାବରେ ରାଷ୍ଟ୍ରୀୟ ଅନୁଷ୍ଠାନ ରେଳ, ବ୍ୟାଙ୍କ, ବୀମା ଓ ତୈଳ କମ୍ପାନୀଗୁଡ଼ିକୁ ଘରୋଇ କମ୍ପାନୀମାନଙ୍କ ହାତରେ ଟେକିଦେବାକୁ ବସିଛନ୍ତି ତାହାକୁ ବିରୋଧ କରାଯିବା ସହିତ ଶ୍ରମିକମାନଙ୍କର ୧୨ଦଫା ଦାବି ଯଥା- ଶ୍ରମକୋଡ଼ ବାତିଲ୍ କରିବା, ଘରୋଇକରଣକୁ ବନ୍ଦ କରିବା ଓ ଏମ୍.ଏମ୍.ପି.କୁ ବାତିଲ କରିବା, ଇନ୍‌କମ୍ ଟ୍ୟାକ୍ସ ଦେଉନଥିବା ପରିବାରକୁ ପ୍ରତିମାସରେ ୭ ହଜାର ୫୦୦ଟଙ୍କା ସହାୟତା, ଠିକା ଶ୍ରମିକମାନଙ୍କୁ ନିୟମିତ କରିବା ଓ ସମାନ କାମକୁ ସମାନ ଦରମା ପ୍ରଦାନ, ନୂଆ ପେନସନ ଯୋଜନାକୁ ବନ୍ଦ କରି ପୁରୁଣା ପେନସନ ଯୋଜନାକୁ ଲାଗୁ କରିବା, ସମସ୍ତ ଅଣସଂଗଠିତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, ମନରେଗାରେ କାର୍ଯ୍ୟଦିବସ ବୃଦ୍ଧି ଓ ସହରମାନଙ୍କରେ ରୋଜଗାର ଗ୍ୟାରେଂଟି ଯୋଜନାକୁ ବୃଦ୍ଧି କରିବା ଦାବିକୁ ନେଇ ଆସନ୍ତା ୨୦୨୨ ଫେବୃୟାରୀ ୨୩ ଓ ୨୪ରେ ଦେଶବ୍ୟାପୀ ଧର୍ମଘଟ କରାଯିବ ବୋଲି ଆଜି ଘୋଷଣା କରାଯାଇଅଛି । ଠିକ୍ ସେହିପରି କରୋନା ସମୟରେ କମ୍ପାନୀମାନେ ରାଜ୍ୟ ସରକାରଙ୍କ ଠାରୁ କୌଣସି ଅନୁମତି ନନେଇ ୩୦୦ରୁ କମ୍ ଥିବା ଫ୍ୟାକ୍ଟ୍ରିମାନଙ୍କରେ ଶ୍ରମିକମାନଙ୍କୁ ଛଟେଇ କରିବା ଲାଗି ବିଧାନସଭାରେ ବିଲ୍ ପାସ୍‌କୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ନିନ୍ଦା କରିବା ସହିତ ଉକ୍ତ ବିଲ୍‌କୁ ସଂଶୋଧନ କରିବା ଲାଗି ଦାବି କରାଯାଇଛି । ୧୬ ଓ ୧୭ରେ ବ୍ୟାଙ୍କ କର୍ମଚାରୀମାନଙ୍କ ଧର୍ମଘଟକୁ ସମର୍ଥନ କରିବା ସହିତ ଆସନ୍ତା ଫେବୃୟାରୀ ୧ ତାରିଖରେ ବିଜୁଳି ବିଲ୍‌କୁ ନେଇ ଦିଆଯାଇଥିବା ସାଧାରଣ ଧର୍ମଘଟକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ସମର୍ଥନ କରିବେବୋଲି ନିଷ୍ପତି ନିଆଯାଇଛି ଓ ଆଗାମୀ ଦିନରେ ବିଜୁଳି ବିଲ୍‌କୁ କେନ୍ଦ୍ର ସରକାର ବାତିଲ୍ କରିବାକୁ ଦାବି କରାଯାଇଛି । ଏହି ବୈଠକରେ ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ କିଶୋର ଜେନା, ମଦନ ମୋହନ ଧଳ, ଏଆଇଟିୟୁସିର ରାମକୃଷ୍ଣ ପଣ୍ଡା, ଏଚ୍‌ଏମ୍‌ଏସ୍‌ର ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଓ ଯୁଗଳ ନାୟକ, ସିଆଇଟିୟୁର ନେତା ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସିର ସମ୍ପାଦକ ଜୟସେନ ମେହେର ଓ ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ ଓ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଓ ଟିୟୁସିସିର ନେତା ଜ୍ୟୋତିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ । ଏହାଛଡ଼ା ରାଜ୍ୟ ସରକାରଙ୍କ କର୍ମଚାରୀ ସଂଘର ରବୀନ୍ଦ୍ର ଧଳ ଓ ବ୍ୟାଙ୍କ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦୁଇଦିନିଆ ଧର୍ମଘଟକୁ ସାରା ରାଜ୍ୟରେ ସଫଳ କରିବା ଲାଗି ନିଷ୍ପତି ନେଇଥିଲେ ।

ମୁମ୍ବାଇରେ ମୁଖ୍ୟ ଆୟକର କମିସନର୍ ହେଲେ ମନୋରଞ୍ଜନ ପାଣିଗ୍ରାହୀ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ବରିଷ୍ଠ ଆଇଆରଏସ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ମୁମ୍ବାଇରେ ମୁଖ୍ୟ ଆୟକର କମିସନର୍ ଭାବେ ନିଯୁକ୍ତି ମିଳିଛି । ଏହା ପୂର୍ବରୁ ସେ କଟକରେ ପ୍ରଧାନ ଆୟକର କମିସନର୍ ଭାବେ କାର୍ଯ୍ୟ କରୁଥିଲେ । ପଦୋନ୍ନତି ପରେ ତାଙ୍କୁ ମୁମ୍ବାଇ ବଦଳି କରାଯାଇଛି । ସେ ସମ୍ପ୍ରତି ମୁମ୍ବାଇର ଚର୍ଚ୍ଚ ଗେଟ୍‌ସ୍ଥିତ ଆୟକର କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ ଶ୍ରୀ ପାଣିଗ୍ରାହୀ ୫ ବର୍ଷ ଓଡ଼ିଶା ସରକାରଙ୍କ ପାଖକୁ ଡେପୁଟେସନ୍‌ରେ ଆସି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଭାବେ କାର୍ଯ୍ୟ କରିଥିଲେ । ଏହି ସମୟରେ ସେ କିଛି ଦିନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ ।

ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୭୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୬/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୯୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୨୬ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱରରୁ ୧ ଜଣ, ଭଦ୍ରକରୁ ୧ ଜଣ, ବୌଦ୍ଧରୁ ୧ ଜଣ, କଟକରୁ ୧୨ ଜଣ, ଦେବଗଡ଼ରୁ ୬ ଜଣ, ଢେଙ୍କାନାଳରୁ ୪ ଜଣ, ଗଜପତିରୁ ୩ ଜଣ, ଜଗତସିଂହପୁରରୁ ୧ ଜଣ, ଯାଜପୁରରୁ ୯ ଜଣ, କେନ୍ଦ୍ରାପଡ଼ାରୁ ୧ ଜଣ, ଖୋର୍ଦ୍ଧାରୁ ୮୪ ଜଣ, ମୟୂରଭଞ୍ଜରୁ ୧ ଜଣ, ପୁରୀରୁ ୧ ଜଣ, ରାୟଗଡ଼ାରୁ ୪ ଜଣ, ସମ୍ବଲପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୧୫ ଜଣ ଓ ଷ୍ଟେଟ ପୁଲରୁ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ଓଡ଼ିଶାକୁ ବିପଦ ଘନେଇଲା: ଆନ୍ଧ୍ର ପରେ ପଶ୍ଚିମବଙ୍ଗରେ 'ଓମିକ୍ରନ୍' ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର ,୧୬/୧୨ (ନି.ପ୍ର): ଓଡ଼ିଶାକୁ 'ଓମିକ୍ରନ୍' ବିପଦ ଘନେଇବାରେ ଲାଗିଛି । କିଛିଦିନ ପୂର୍ବରୁ ଆନ୍ଧ୍ରରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ, ଏବେ ପଶ୍ଚିମବଙ୍ଗର ଜଣେ ୭ବର୍ଷର ଶିଶୁ ଏଥିରେ ଆକ୍ରାନ୍ତ ଥିବା ଜଣାପଡ଼ିଛି । ସଂପୃକ୍ତ ଶିଶୁ ଜଣକ ଆବୁଧାବିରୁ ହାଇଦ୍ରାବାଦ ଦେଇ ପଶ୍ଚିମବଙ୍ଗ ଫେରିଥିବା କୁହାଯାଉଛି । ରାଜ୍ୟର ଉତ୍ତର ଓ ଦକ୍ଷିଣ ସୀମାରେ ଥିବା ଜିଲ୍ଲାମାନଙ୍କ ପାଇଁ ଏହା ବିପଦ ସୃଷ୍ଟି କରିଛି । ଯଦିଓ ରାଜ୍ୟ ସରକାର ସୀମାନ୍ତ ଜିଲ୍ଲାମାନଙ୍କୁ ସତର୍କ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି, ମାତ୍ର ଏ ପର୍ଯ୍ୟନ୍ତ ସମସ୍ତ ବିଦେଶ ଫେରନ୍ତାଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିବାରୁ ସମସ୍ୟା ବଢ଼ାଇ ଦେଇଛି । ରାଜ୍ୟରେ ୪ ବିଦେଶ ଫେରନ୍ତାଙ୍କଠାରେ 'ଓମିକ୍ରନ୍' ନ ଥିବା ଜିନ୍ ଅନୁଶୀଳନରୁ ସ୍ପଷ୍ଟ ହୋଇଛି । ହେଲେ ନଭେମ୍ବର ୨୬ତାରିଖ ପରେ କେତେ ସଂଖ୍ୟକ ବିଦେଶ ଫେରନ୍ତା ଓଡ଼ିଶାକୁ ଆସିଛନ୍ତି ସେସଂପର୍କରେ ସରକାର କିଛି ସ୍ପଷ୍ଟ କରୁ ନାହାନ୍ତି । ଗଣମାଧ୍ୟମରେ ଭିନ୍ନ ଭିନ୍ନ ବିଦେଶ ଫେରନ୍ତାଙ୍କ ସଂଖ୍ୟା ଘୂରି ବୁଲୁଛି । କେବଳ ଫେରନ୍ତାଙ୍କ ସଂଖ୍ୟା ନୁହେଁ, କେଉଁ ଜିଲ୍ଲା କେତେ ସଂଖ୍ୟକ ବିଦେଶ ଫେରନ୍ତାଙ୍କୁ ଠାବ କରିବାରେ ସରକାର ସକ୍ଷମ ହୋଇଛନ୍ତି ତାହା ରହସ୍ୟ ଘେରରେ ରହିଛି । ଅଧିକାଂଶ ବିଦେଶ ଫେରନ୍ତା 'ଏୟାର ସୁବିଧା' ପୋର୍ଟାଲରେ ନିଜର ଭୁଲ୍ ଠିକଣା ଦେଇଥିବା କାରଣରୁ ସେମାନଙ୍କୁ ଜିଲ୍ଲାସ୍ତରରେ ପ୍ରଶାସନ ଚିହ୍ନଟ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛି । ତେଣୁ ଘରକୁ ଫେରିବାର ଅଷ୍ଟମ ଦିନରେ ଆରଟି-ପିସିଆର ପରୀକ୍ଷା କରିବା ନେଇ ଯେଉଁ ନିୟମ ରହିଛି ତାହା ମଧ୍ୟ ପାଳନ ହୋଇପାରୁ ନାହିଁ । ମହାରାଷ

ଆଧୁନିକ ଓଡିଶା ନିର୍ମାଣରେ "ମହାରାଜା ଶ୍ରୀରାମଚନ୍ଦ୍ର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଓଡ଼ିଆ ଭାଷା,ଓ ସାହିତ୍ୟ ପ୍ରତି ମହାରାଜା ଙ୍କ ଅଶେଷ ପ୍ରୀତି ଥିଲା ।"ଉତ୍କଳ ପ୍ରଭା'' ଓ "ମନୋରମା'' ନାମକ ଦୁଇଟି ସାହିତ୍ୟ ପତ୍ରିକା ତାଙ୍କ ପୃଷ୍ଠପୋଷକ ରେ ବାରିପଦା ରୁ ପ୍ରକାଶ ପାଉଥିଲା । କହିବାକୁ ଗଲେ ସେତେବେଳେ "ଉତ୍କଳପ୍ରଭା'' ହିଁ ଲେଖକ ମାନଙ୍କୁ ପାରିତୋଷିକ ପ୍ରଦାନ କରିବାରେ ଥିଲା ପ୍ରଥମ ଓଡିଆ ପତ୍ରିକା । ତହିଁରେ ରାଧାନାଥ,ଫକୀରମୋହନ ,ମଧୁସୂଦନ ରାଓ ଆଦି ମନିଷୀ ମାନଙ୍କ ଲେଖା ପ୍ରକାଶିତ ହେଉଥିଲା । ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଓ ପ୍ରଶାସନିକ କ୍ଷେତ୍ରରେ ଶ୍ରୀରାମଚନ୍ଦ୍ର ବହୁ ଉନ୍ନତି ସାଧନ କରିଛନ୍ତି । ଏତଦ୍‌ବ୍ୟତୀତ ଭଞ୍ଜବଂଶର ଅକୁଣ୍ଠ ଚିତ୍ତରେ ପ୍ରଦତ୍ତ ଧନରାଶିରେ ଓଡିଶାରେ ଗଢି ଉଠିଛି ଅନେକ ଅନୁଷ୍ଠାନ । ଯାହାକି ପ୍ରତ୍ୟେକ ଓଡିଶାବାସୀ ତା'ର ସୁଫଳ ବିନିଯୋଗ ଏବେ କରିପାରୁଛନ୍ତି । ଶିକ୍ଷା କ୍ଷେତ୍ରରେ ସେ ସର୍ବାଧିକ ଧନ ବ୍ୟୟ କରିଥିଲେ । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢ଼ିବାରେ ମହାରାଜାଙ୍କ ଅବଦାନ ଅତୁଳନୀୟ । ଓଡ଼ିଆ ଭାଷା ଆନ୍ଦୋଳନରେ ସେ ସକ୍ରିୟ ଯୋଗ ଦେଇଥିଲେ ।ବାସ୍ତବିକ ସେ ଥିଲେ ଅନନ୍ୟ ଉଦାହରଣ ମାନବିକତା, ପ୍ରଜାବତ୍ସଳତା, ଉଦାରତା, ସର୍ବୋପରି ଆଦର୍ଶ ଓ ପାଣ୍ଡିତ୍ୟର ।

ଓଡ଼ିଶାର ସ୍ୱାଭିମାନ ପାଇଁ ଆଜୀବନସଂଗ୍ରାମ ଜାରି ରଖିଥିଲେ । ସେ ହିଁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ବାସ୍ତବ ବିଶ୍ୱକର୍ମା । ୧୯୦୩ରେ କଟକ ଠାରେ ଅନୁଷ୍ଠିତ ହୁଏ ଉତ୍କଳ ସମ୍ମିଳନୀ । ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା । ତାଙ୍କ ଅନୁରୋଧ ରକ୍ଷା କରି ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ସଭାପତି ହୁଅନ୍ତି ଏବଂ ଏକ ସାରଗର୍ଭକ ଭାଷଣ ପ୍ରଦାନ କରନ୍ତି । ମହାରାଜା ଶ୍ରୀରାମଚନ୍ଦ୍ର ମାତୃଭୂମି ଓଡ଼ିଶାକୁ ଏପରି ପ୍ରାଣର ସହିତ ଭଲ ପାଉଥିଲେ ତାହା ତାଙ୍କର ସେହି ସମୟର ବକ୍ତୃତାରୁ ଜଣାପଡ଼େ ।

ଆଜି ଆମେ ଯାହାକୁ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ବା ଏସ ସି ବି ମେଡିକାଲ କଲେଜ, କଟକ ଓଡ଼ିଶା ତଥା ସମଗ୍ର ପୂର୍ବ ଭାରତର ଏକ ପୁରାତନ ଓ ଅଗ୍ରଣୀ ଭେଷଜ ମହାବିଦ୍ୟାଳୟ ଭାବେ ପରିଚିତ । ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଉଦ୍ୟମ ଓ ଅର୍ଥ ସହାୟତା ଯୋଗୁଁ ଏହା ପ୍ରତିଷ୍ଠା ହୋଇଥିବାରୁ, ଏହି ମହାବିଦ୍ୟାଳୟଟି ତାଙ୍କ ନାମରେ ନାମିତ । ଶ୍ରୀରାମଚନ୍ଦ୍ର ଭଞ୍ଜ ଜଣେ ଦେଶ ହିତୈଷୀ, ଜାତୀୟତାବାଦୀ ଜନନାୟକ ଥିଲେ । ଓଡ଼ିଆ ଜାତିର ଉନ୍ନତି ନିମିତ୍ତ ତାଙ୍କର ବହୁବିଧ ଉଦ୍ୟମ ଅବିସ୍ମରଣୀୟ। ଓଡ଼ିଶାର ବହୁ ଲୋକ ହିତକର ଅନୁଷ୍ଠାନ ତାଙ୍କ ଅମୂଲ୍ୟ ଅବଦାନରେ ସୁପ୍ରତିଷ୍ଠିତ ଓ ପବିତ୍ର ସ୍ମୃତିରେ ମହିମାମଣ୍ଡିତ । ଉତ୍କଳ ଜନନୀର ନାମକୁ ସାର୍ଥକ କରି କମ୍ ବୟସରେ ପରପାରିକୁ ବାହୁଡି ଯାଇଥିଲେ ୧୯୧୨ ମସିହା ଫେବୃଆରୀ ମାସ ୨୨ ତାରିଖରେ ।

ତମାମ ଜୀବନରେ ଭୋଗବିଳାସକୁ ତୁଚ୍ଛ କରି ପ୍ରଜାଙ୍କ ହିତରେ ନିଜକୁ ଉତ୍ସର୍ଗ କରି ଯାଇଥିବା ମହାରଜା ଆଜିବି ଚିର ଜାଜଲ୍ୟମାନ ।

ଅରାଜ୍ୟ ସମ୍ପାଦକ, ଓଡିଆ ସାହିତ୍ୟର ମହାମଞ୍ଚ, ବାରିପଦା, ମୟୂରଭଞ୍ଜ, ଓଡିଶା, (ମୋ)୭୦୦୮୬୪୮୪୩୪

ଡିଜିଟାଲ୍ ମିଡିଆ କ୍ଷେତ୍ରରେ ଭାଗିଦାରୀ ବୃଦ୍ଧି ପାଇଁ ଭାରତ ଏବଂ ଭିଏତନାମ ମଧ୍ୟରେ ବୁଝାମଣା



ଭୁବନେଶ୍ୱର,୧୬/୧୨(ନି.ପ୍ର): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର ଆଜି ଡିଜିଟାଲ୍ ମିଡିଆ କ୍ଷେତ୍ରରେ ଭାରତ ଏବଂ ଭିଏତନାମ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ଭିଏତନାମ ସରକାରଙ୍କ ସୂଚନା ଏବଂ ଯୋଗାଯୋଗ ମନ୍ତ୍ରୀ ଶ୍ରୀ ନୁଏନ ମନ୍ ହଙ୍ଗଙ୍କ ସହ ଏକ ବୁଝାମଣା ପତ୍ର (ଲେଟର ଅଫ ଇଣ୍ଟେଣ୍ଟ(ଏଲ୍‌ଓଆଇ)) ରେ ସ୍ୱାକ୍ଷର କରିଛନ୍ତି । ଡିଜିଟାଲ୍ ମିଡିଆ ଏବଂ ସୋସିଆଲ୍ ନେଟୱାର୍କ କ୍ଷେତ୍ରରେ ନୀତି ଓ ନିୟାମକ ପ୍ରତିଷ୍ଠା ଏବଂ ଦୁଇ ଦେଶର ଗଣ ଯୋଗାଯୋଗ କ୍ଷେତ୍ରର ପେଶାଦାର ଓ ଅଧିକାରୀଙ୍କ ପାଇଁ ଦକ୍ଷତା ବିକାଶ ଓ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିବା ତଥା ସୂଚନା ଏବଂ ଅଭିଜ୍ଞତା ଆଦାନ ପ୍ରଦାନ କରିବାରେ ଏହି ବୁଝାମଣା ସହାୟକ ହେବ । ଭାରତ ଏବଂ ଭିଏତନାମ ମଧ୍ୟରେ ଥିବା ସମ୍ପର୍କର ଉଷ୍ମତା ଶ୍ରୀ ଠାକୁରଙ୍କ ବାସଭବନରେ ଦୁଇ ମାନ୍ୟବର ମନ୍ତ୍ରୀଙ୍କ ମଧ୍ୟରେ ଆନ୍ତରିକ ଆଲୋଚନା ସମୟରେ ପ୍ରତିଫଳିତ ହୋଇଥିଲା । ଏହି ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି ଯେ ଭାରତ ଏବଂ ଭିଏତନାମ ମଧ୍ୟରେ ଗଭୀର ସମ୍ପର୍କକୁ ଅଧିକ ସୁଦୃଢ଼ କରାଯାଇଛି ଏବଂ ନିକଟରେ ଭାରତର ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ଭିଏତନାମ ଗସ୍ତରେ ଯାଇଛନ୍ତି । ଆଜିର ଏହି ବୈଠକରେ ନୂତନ ଜ୍ଞାନକୌଶଳ ଏବଂ ଆହ୍ୱାନ, ଯେପରିକି ଇନଫୋଡେମିକ୍, ଯାହା ସମସ୍ତ ଦେଶ କୋଭିଡ-୧୯ ମହାମାରୀ ସମୟରେ ମୁକାବିଲା କରୁଛନ୍ତି ସେ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ନୂଆ ଢାଞ୍ଚା ଦେବ । ଶ୍ରୀ ଠାକୁର ତାଙ୍କର ଭିଏତନାମ ପ୍ରତିପକ୍ଷଙ୍କୁ ଫେବୃଆରୀ ୨୦୨୧ ପରଠାରୁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଡିଜିଟାଲ ମିଡିଆ ଏଥିକ୍ସ କୋଡ୍ ବିଷୟରେ ସୂଚନା ଦେଇଛନ୍ତି । ଶ୍ରୀ ହଙ୍ଗ ଶ୍ରୀ ଠାକୁରଙ୍କୁ ଭିଏତନାମ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ସଫଳତାର କାହାଣୀ ପ୍ରସାର କରିବା ଓ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଦୁଇ ରାଷ୍ଟ୍ରର ସାମାଜିକ-ଅର୍ଥନୈତିକ ବିକାଶ ବିଷୟରେ ସୂଚନା ପାଇବାକୁ ଉଭୟ ଦେଶର ସାମ୍ବାଦିକଙ୍କୁ ସକ୍ଷମ କରିବା ବିଷୟରେ ଆଲୋଚନା କରିଥିଲେ । ଏହି ବୈଠକରେ ପ୍ରସାର ଭାରତୀ ସିଇଓ ଶ୍ରୀ ଶଶି ଶେଖର ଭେମ୍ପତି; ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ଶ୍ରୀ ଜୟଦୀପ ଭଟନାଗର, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ବିକ୍ରମ ସହାୟଙ୍କ ସମେତ ଭାରତ ଏବଂ ଭିଏତନାମର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଚଳିତ ବର୍ଷ ଭାରତ ଏବଂ ଭିଏତନାମ ମଧ୍ୟରେ ପାଞ୍ଚବର୍ଷର "ବିସ୍ତୃତ ରଣନୀତିକ ଭାଗିଦାରୀ' ସମାପ୍ତ ହୋଇଛି ଏବଂ ୨୦୨୨ ବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ପଚାଶ ବର୍ଷ ପୂରଣ ହେବ ।

ମିତ୍ରପୁର ବ୍ଲୁଲେକ୍ ପଥର ଖାଦାନରୁ ଅଚିହ୍ନା ଯୁବକର ମୃତ ଦେହ ଉଦ୍ଧାର

ନୀଳଗିରି, ୧୬/୧୨ (ନି.ପ୍ର): ନୀଳଗିରି ଥାନା ଅଧିନସ୍ଥ ମିତ୍ରପୁର ଠାରେ ଥିବା ବ୍ଲୁଲେକ ପଥର ଖାଦାନର ଅଚିହ୍ନା ଯୁବକର ମୃତ ଦେହକୁ ନୀଳଗିରି ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ତେବେ ମୃତ ଦେହଟି କାହାର ଜଣାପଡୁ ନ ଥିବା ବେଳେ ଏହା ଏକ ପାଗଳର ବୋଲି ଅଂଚଳରେ ଶୁଣିବାକୁ ମିଳୁଥିବା ବେଳେ ପୋଲିସ ଘଟଣା ର ତଦନ୍ତ ଜାରି ରଖିଛି । ସୂଚନାଥାଉକି ମିତ୍ରପୁର ଅଂଚଳରୁ ବହୁ ବର୍ଷ ପୂର୍ବରୁ ଏଠାରେ ପଥର ଖାଦାନ ଚାଲିଥିବା ବେଳେ ରାଜ୍ୟ ସରକାର ଏହି ଖାଦାନ ଟିକୁ ସଂପୂର୍ଣ୍ଣ ବନ୍ଦ କରିଛନ୍ତି । ଉକ୍ତ ଖାଦାନରେ ଗଭୀର ଜଳ ରହିଥିବା ବେଳେ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ଏହାକୁ ବ୍ଲୁଲେକ ନାମରେ ନାମିତ କରାଯାଇଛି । ଅଗ୍ନିଶମ ବିଭାଗ ମରଶରୀରକୁ ନୀଳଗିରି ପୋଲିସକୁ ହସ୍ତାନ୍ତର କରିଥିବା ବେଳେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଏ ପର୍ଯ୍ୟନ୍ତ ମୃତ ଦେହକୁ ଚିହ୍ନଟ କରାଯାଇ ପାରି ନାହିଁ ।

ବିଜୟ ଦିବସ ଉପଲକ୍ଷେ ବୀର ଯୋଦ୍ଧାଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ନବୀନ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ବିଜୟ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୀର ଯୋଦ୍ଧା ମାନଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ୧୯୭୧ ମସିହାରେ ଭାରତ - ପାକିସ୍ତାନ ଯୁଦ୍ଧରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରି ଲଢି ଭାରତକୁ ବିଜୟୀ କରାଇଥିବା ବୀର ସୈନିକ ମାନଙ୍କୁ ବିଜୟ ଦିବସର ସ୍ୱର୍ଣ୍ଣ ଜୟନ୍ତୀ ବର୍ଷରେ ଶ୍ରଦ୍ଧାଂଜଳି ଜଣାଉଛି । ଦେଶର ଗର୍ବ ପାଇଁ ବୀରତ୍ୱର ସହ ଲଢିଥିବା ବୀର ସୈନିକ ମାନଙ୍କର ସାହସକୁ ସଲାମ ।

ଖବର ପ୍ରସାରଣ ପରେ ହଟିଲା ମୁକୁଳା ଡାକବକ୍ସ : ଲାଗିଲା ନୂଆ ବାକ୍ସ

ନୀଳଗିରି, ୧୬/୧୨ (ନି.ପ୍ର): ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବସିଥିବା ମୁକୁଳା ଡାକବକ୍ସ ବିଷୟରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଆଜି ଡାକ ବିଭାଗ ପକ୍ଷରୁ ନୂତନ ଡାକ ବାକ୍ସ ଲଗାଯାଇଥିବା ଦେଖିବାକୁ ମିଳିଛି । ଏଠାରେ ଥିବା ଡାକବାକ୍ସଟି ମାସ ମାସ ଧରି ଭାଙ୍ଗି ନଷ୍ଟ ହୋଇଥିବା ବେଳେ ଚିଠି ପ୍ରେରକମାନେ ଚିଠି ପକାଉଥିବା ବେଳେ ବାକ୍ସର ତଳଭାଗଟି ଭାଙ୍ଗି ଯାଇଥିବାରୁ ସମସ୍ତ ଚିଠି ଗୁଡ଼ିକ ତଳେ ପଡ଼ିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ଚିଠି ଗୁଡ଼ିକୁ ଗୋରୁ ଗାଈ ମାନେ ଖାଉଥିବାର ଦେଖିବାକୁ ମିଳିଥିଲା । ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ନୂତନ ଡାକବାକ୍ସ ଲାଗିଥିବା ନେଇ ସାଧାରଣରେ ଡାକ ବିଭାଗକୁ ଭୂୟସୀ ପ୍ରଶଂସା କରାଯାଉଛି ।

ଅନ୍ୟାନ୍ୟ ପଛୁଆ ବର୍ଗ ମଂଚର ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବାରିପଦା,୧୬/୧୨ (ନି.ପ୍ର): ଆଗାମୀ ୨୬ ତାରିଖରେ ବାରିପଦା ଶହୀଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟାନ୍ୟ ପଛୁଆ ବର୍ଗ ମଂଚର ଜିଲ୍ଲା ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ବାରିପଦା ଠାରେ ମଂଚର ସଭାପତି ଅବନୀ କୁମାର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସମ୍ମିଳନୀରେ ଦେଶରେ ଜାତିଭିତିକ ଜନଗଣନା କରାଯାଇ ଓବିସି ମାନଙ୍କ ସଂଖ୍ୟା ନିର୍ଣ୍ଣୟ କରାଯିବା, ମଣ୍ଡଳ କମିଶନଙ୍କ ସୁପାରୀଶ ହାରରେ ଓଡିଶାରେ ଓବିସିଙ୍କୁ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଶତକଡା ୨୭ ଭାଗ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା, ଓବିସି ଛାତ୍ରଛାତ୍ରୀଙ୍କୁ ଅନ୍ୟମାନଙ୍କ ପରି ସମାନ ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବା, ମୟୂରଭଞ୍ଜରେ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ଓବିସିଙ୍କୁ ଶତକଡା ୨୭ ଭାଗ ସଂରକ୍ଷିତ ଆସନ ଦିଆଯିବା, ରାଜ୍ୟରେ ଓବିସି ନିଗମକୁ କାର୍ଯ୍ୟକ୍ଷମ କରି ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା କରାଯିବା ଆଦି ଗୁରୁତ୍ୱପୂର୍ଣ୍ଣ ଦାବୀ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଉକ୍ତ ସମ୍ମିଳନୀରେ ଅତିଥି ଭାବରେ ଝାରଖଣ୍ଡ ରାଜ୍ୟର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ସୁଦେଶ ମାହାତୋ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ଜେନା, ଓବିସି ମଂଚର ରାଜ୍ୟ ସଭାପତି ଶ୍ରୀଯୁକ୍ତ ଶଙ୍କର ପାତ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଓବିସି ନେତା କର୍ମୀ ଓ ଜନସାଧାରଣ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆଜିର ପ୍ରସ୍ତୁତି ବୈଠକରେ ମଂଚର ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ବନମାଳି ମହାକୁଡ, କାଶୀନାଥ ମହାନ୍ତ, କାର୍ତିକ ଚନ୍ଦ୍ର ଦାସ, ଅର୍ଜୁନ ଚନ୍ଦ୍ର ମହାନ୍ତ, ମନୋରଞ୍ଜନ ମହାକୁଡ, ନରେନ୍ଦ୍ର ମହାନ୍ତ, ମେଘାନୁର ମହାନ୍ତ, ପଟେଲ ମହାନ୍ତ, ଲିଂଗରାଜ ବେହେରା, ବିରଂଚି ମହାନ୍ତ ପ୍ରମୁଖ ବହୁ କର୍ମକର୍ତା ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବନବିହାରୀ ସ୍ପୋର୍ଟିଂ କ୍ଲବ ଦ୍ୱାରା ୩୦ତମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ବାରିପଦା, ୧୬/୧୨ (ନି.ପ୍ର): ତକତପୁର ସ୍ଥିତ ଡା. ଏପିଜେ ଅବଦୁଲ୍ କାଲାମ ପଡିଆରେ ବନବୀହାରି ସ୍ପର୍ଟିଂ କ୍ଲବ ଦ୍ୱାରା ୩୦ତମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଇଯାଇଛି । ଏହାର ଉଦ୍ଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତି ବେଶ୍ରା ସମ୍ମାନୀୟ ଅତିଥି ଭାବେ ୫ମ ବାଟାଲିୟନର କମାଣ୍ଡାଟ ବାଲକୃଷ୍ଣ ହୋତା ଯୋଗଦେଇ ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଟୁର୍ଣ୍ଣାମେଂଟର ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜୀନି ହେମ୍ବ୍ରମ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରଥମ ସ୍ଥାନ ଅଧିକାର କରିଥିବା ଜୁନିୟର ଆସେକା ଲକ୍ଷ୍ମୀପୋଷି , ୨ୟ ସ୍ଥାନ ଅଧିକାର କରିଥିବା ୫ମ ବାଟାଲିୟନ ବାରିପଦା ଟିମ, ତୃତୀୟ ସ୍ଥାନ ହାସଲ କରିଥିବା ଶହୀଦ କ୍ଲବ ବଣ୍ଡାବ , ୪ର୍ଥ ସ୍ଥାନ ହାସଲ କରିଥିବା ଭୋଳାନାଚନା ଟିମ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପରିସେସରେ ବେଷ୍ଟ ସ୍କୋରର ଭାବେ ଜୁନିୟର ଆସେକା ଲକ୍ଷ୍ମୀ ପୋଷୀ ଦଳର ଖେଳାଳୀ ଅଜିତ୍ ଟୁଡୁ, ବେଷ୍ଟ ଗୋଲକିପର ଭାବେ ୫ମ ବାଟାଲିୟନ ଟିମର ସୁନିଲ ବେହେରା ଓ ବେଷ୍ଟ ଭଲ୍ୟୁଂଟର ଭାବେ ବନ ବିହାରୀ ସ୍ପର୍ଟିଂ କ୍ଲବର ସଦସ୍ୟ ବିନୋଦ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଖେଳକୁ ପରିଚାଳନା କରିବାପାଇଁ ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର ଲାଇସେନ୍ସପ୍ରାପ୍ତ ରେଫରିଙ୍କୁ ଅଣାଯାଇଥିଲା ଏବଂ ତାଙ୍କୁ ଖେଳରେ ସହଯୋଗ କରିବା ପାଇଁ ଆୟୋଯକ କମିଟି ପକ୍ଷରୁ ଲଖ୍ମଣ ମାରାଣ୍ଡି ,ସଙ୍ଗ୍ରାମ ହାଁସଦାଃ, ରୁଇହା ହେମ୍ବ୍ରମ୍ , ଘାସିରାମ ହାଁସଦାଃ ଏବଂ ଅନ୍ୟମାନେ ଉପସ୍ଥିତଥିବା ବେଳେ ଏହି ଖେଳରେ ଧାରା ବିବରଣୀ କମଲ କୁମାର କୁଆଁରବାବୁ ଏବଂ କୁଆଁର ଟୁଡୁ ପ୍ରଦାନ କରିଥିଲେ ।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ, ୬୯୬ ବାହନ ଜବତ

ଭୁବନେଶ୍ୱର, ୧୬/୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୯୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ୨୯,୪୨,୭୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଅଡିଓବାର୍ତ୍ତା ଜାରି କଲେ....

ଡାକ୍ତରଙ୍କ ପରାମର୍ଶରେ ବିଶ୍ରାମ ନେଉଛି । ଏ ସମ୍ପର୍କରେ ଅଥରିଟିଙ୍କୁ ଜଣାଇଛି । ଅପହରଣ ହେବା ଖବର ସମ୍ପୂର୍ଣ୍ଣ ମିଛ । ଲୋକଙ୍କୁ ଭ୍ରମିତ କରାଯାଉଛି । ମୋର ଓ ମୋ' ପରିବାର ଉପରେ ମିଥ୍ୟା ଅଭିଯୋଗ ଲଗାଯାଉଛି । ଏପରି ଅପବାଦ ମୋତେ ମାନସିକ ଯନ୍ତ୍ରଣା ଦେଉଛି ବୋଲି ସୁମିତ ଅଡିଓ ବାର୍ତ୍ତାରେ କହିଛନ୍ତି । ଡାକ୍ତର ସୁମିତ କହିଛନ୍ତି-"ଅସୁସ୍ଥତା ଭିତରେ ସାଙ୍ଗ ଓ ପରିଚିତ ଲୋକଙ୍କ ମାଧ୍ୟମରେ ଘର ଖୋଜୁଛି । ଆଶା କରୁଛି ଶୀଘ୍ର ଘର ମିଳିଯିବ । ମୁଁ ଯାହା ଅପବାଦ ଶୁଣିବାକୁ ପାଉଛି, ତାହା ସମ୍ପୂର୍ଣ୍ଣ ମିଛ । କେବଳ ମୋ ମାନ ସମ୍ମାନକୁ ନଷ୍ଟ କରିବା ପାଇଁ ଅପଚେଷ୍ଟା ଚାଲିଛି । ଯେହେତୁ ମୋର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ନାହିଁ, ତେଣୁ ତାଙ୍କ(ତପସ୍ୱିନୀ) ଉପସ୍ଥିତିରେ ବିଶ୍ରାମ ନେବା ପାଇଁ ଠିକ୍ ମନେ କଲିନାହିଁ । ସେଥିପାଇଁ ଆବଶ୍ୟକତା ଅନୁସାରେ ବିଶ୍ରାମ ନେଲି । ୭ ଦିନର ଏକାଠି ରହିବା ଭିତରେ ଆମ ଭିତରେ କୌଣସି ସମ୍ପର୍କ ଆଗକୁ ବଢ଼ିନାହିଁ । କିଛି ଠିକ୍ ହୋଇନାହିଁ । ତପସ୍ୱିନୀଙ୍କ ପାଇଁ ଯାହା ସମସ୍ୟା ଉପୁଜିଲା, ତାହା ଆସିକା ଆଇଆଇସିଙ୍କ ମାଧ୍ୟମରେ ଏସ୍‌ଡିଜେଏମ୍‌ଙ୍କୁ ଜଣାଇଛି ।" ଅଡିଓ ବାର୍ତ୍ତାରେ ସେ ଆହୁରି କହିଛନ୍ତି-"ତପସ୍ୱିନୀ ମୋ ଲାଇଫ୍ ବରବାଦ କରିଦେଇଛନ୍ତି । ଏବେବି କରିଚାଲିଛନ୍ତି । ମିଥ୍ୟା ଅପବାଦ ଲଗାଇ ସାଧାରଣ ଲୋକଙ୍କ ସହାନୁଭୂତି ସାଉଣ୍ଟୁଛନ୍ତି । ବ୍

ବାଲେଶ୍ୱର, ଶୁକ୍ରବାର, ୧୭ ଡିସେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ୟୁଏଫ୍‌ବିୟୁର ଦୁଇଦିନିଆ ଧର୍ମଘଟ ଆରମ୍ଭ

ବାଲେଶ୍ୱର,୧୬/୧୨ (ନି.ପ୍ର): ଜାତୀୟକରଣ ବ୍ୟାଙ୍କଗୁଡିକର ଘରୋଇକରଣ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତି ବିରୋଧରେ ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ୍ସ (ୟୁଏଫବିୟୁ) ପକ୍ଷରୁ ଗୁରୁବାରଠାରୁ ଦେଶବ୍ୟାପୀ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । 'ୟୁଏଫବିୟୁ' ସହ ଅନୁବନ୍ଧିତ ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସଂଗଠନର କର୍ମକର୍ତ୍ତା ଏବଂ ସଦସ୍ୟମାନେ ସହରର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ଶାଖା ସମ୍ମୁଖରେ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । 'ୟୁଏଫବିୟୁ' ବାଲେଶ୍ୱର ଶାଖାର ଆବାହକ ପରମାନନ୍ଦ ଦେ ଓ ସହ-ଆବାହକ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ମାନସ କୁମାର ମହାପାତ୍ର, ହେମନ୍ତ ଭୂୟାଁ, ରସାନନ୍ଦ ଦାଶ, ସଞ୍ଜୟ କୁମାର ପରିଡ଼ା, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ଅଶୋକ କୁମାର ଦାସ, ରାଜେଶ କୁମାର ବେହେରା, ସୁକାନ୍ତ ପତି, ଅସୀମ ସେନ, ରାଜକିଶୋର ବେହେରା, ପଦ୍ମଲୋଚନ ନନ୍ଦୀ, ପ୍ରଫୁଲ କୁମାର ପଣ୍ଡା, ହରିହର ରାଉତ, ଚିନ୍ମୟ ନନ୍ଦୀ, ଗୋବିନ୍ଦ ସାହୁ ପ୍ରମୁଖ ବିଭିନ୍ନ ବ୍ୟାଙ୍କ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତିକୁ ଦୃଢ ସମାଲୋଚନା କରିଥିଲେ । ରାଷ୍ଟ୍ରର ଜନକଲ୍ୟାଣ ଯୋଜନାର ସଫଳ ରୂପାୟନରେ ଅଗ୍ରଣୀ ଭୂମିକା ଗ୍ରହଣ ସହ ତୃଣମୂଳ ସ୍ତରରେ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଆସୁଥିବା ଜାତୀୟକରଣ ବ୍ୟାଙ୍କଗୁଡ଼ିକୁ ଶିଳ୍ପପତି ତଥା ଉଦ୍ୟୋଗୀଙ୍କ ହାତକୁ ଟେକି ଦେବା ପାଇଁ ସରକାର ନେଉଥିବା ନିଷ୍ପତ୍ତି ସାମ୍ପ୍ରଦାନିକ ବ୍ୟବସ୍ଥାର ପରିରପନ୍ଥୀ ବୋଲି ସେମାନେ କହିଥିଲେ । ବ୍ୟାଙ୍କ ଘରୋଇକରଣ ହେବା ଦ୍ୱାରା ଲୋକଙ୍କ ଜମାପୁଞ୍ଜି ଅସୁରକ୍ଷିତ ହେବା ସହ ସେବା ପାଇବା ତ ଦୂରର କଥା ବରଂ ସରକାରୀ ଯୋଜନାର ସୁବିଧା ସୁଯୋଗରୁ ଦେଶବାସୀ ବଞ୍ଚିତ ହେବେ ବୋଲି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ କହିଥିଲେ । ଅନ୍ୟପକ୍ଷରେ ବ୍ୟାଙ୍କ ଶିଳ୍ପର ସମୂଦାୟ ଅନାଦେୟ ଋଣର ୯୦ ପ୍ରତିଶତରୁ ଅଧିକ ବଡ଼ ବଡ଼ ଉଦ୍ୟୋଗୀଙ୍କ ଉପରେ ପଡ଼ି ରହିଛି । କଠୋର ନିୟମ ଲାଗୁ ସହ ଅନାଦେୟ ଋଣ ଆଦାୟ ପାଇଁ ବ୍ୟବସ୍ଥା କରିବାକୁ 'ୟୁଏଫବିୟୁ' ଦେଇଥିବା ପ୍ରସ୍ତାବ ଲାଗୁ କର୍ମକର୍ତ୍ତାମାନେ ଏହି ଅବସରରେ ଦାବି କରିଥିଲେ ।

୬ ପଞ୍ଚାୟତରେ କାର୍ଡ ବାଣ୍ଟିଲେ ପର୍ଯ୍ୟଟନ ମନ୍ତ୍ରୀ

ଖଇରା, ୧୬/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ୬ପଞ୍ଚାୟତରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗୁରୁବାର କାର୍ଡ ବାଣ୍ଟିବା ସହ ଏହାର ଉପକାରିତା ଓ ବ୍ୟବହାର ସମ୍ପର୍କରେ ବୁଝାଇଛନ୍ତି । ବିଡିଓ ପର୍ଶୁରାମ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରସଙ୍ଗ ରାଜନିତିରୁ ଉର୍ଦ୍ଧରେ ରହିବା ଦରକାର ବୋଲି କହିଥିଲେ । ତହସିଲଦାର ମହେନ୍ଦ୍ର କୁମାର ବେହେରା,ବିପ୍ଳଣି ନିରିକ୍ଷକ ନିରଞ୍ଜନ ସାହୁ,ସମିତି ସଭ୍ୟ ଦିଲ୍ଲିପ କୁମାର ବେହେରା,ସରପଞ୍ଚ ରଞ୍ଜୁଲତା ବେହେରା, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଦାସ,ଶଶିକାନ୍ତ ଦାସ ସମେତ ସମସ୍ତ ଆଶା,ଅଙ୍ଗନୱାଡି କର୍ମୀ କାର୍ଡବଣ୍ଟନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରେ ମନ୍ତ୍ରୀପାଣିଗ୍ରାହୀ ମାଣିତ୍ରୀ,ଝିଙ୍କିରିଆ,ଗର୍ସଙ୍ଗ,ବଡଜୟିପୁର,ନହଙ୍ଗ ପଞ୍ଚାୟତରେ କାର୍ଡ ବଣ୍ଟନ କରିଥିଲେ । ଝଙ୍କିରିଆରେ ନିର୍ବାହୀ ଅଧିକାରୀ ଦେବଦତ୍ତ ମିଶ୍ର ଓ ସରପଞ୍ଚ ମଧୁସୂଦନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ୬ପଞ୍ଚାୟତର ୬ହଜାର ୮୯୯ ପରିବାରର ୨୭ହଜାର ୬୭୫ ସଦସ୍ୟ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ ।

ଜଳେଶ୍ୱରର ୨ ମହିଳା କଲେଜରୁ ୨ ନାବାଳିକା ନିଖୋଜ

ଜଳେଶ୍ୱର, ୧୬/୧୨(ନି.ପ୍ର): ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ସ୍ତରରେ ଶିକ୍ଷାଲାଭ କରୁଥିବା ବେଳେ ସେମାନଙ୍କ ଚପଳମତି ବୁଦ୍ଧିଯୋଗୁଁ ବିପଥଗାମୀ ହେଉଛନ୍ତି । ଫଳରେ ପରିବାର ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ବାଲେଶ୍ୱର ଜିଲାର ଜଳେଶ୍ୱର ନୂଆବଜାର ଅଂଚଳରେ ଥିବା ଏକ ମହିଳା ମହାବିଦ୍ୟାଳୟରୁ ରାଇବଣିଆ ଅଂଚଳର ଜନୈକ ୧୬ବର୍ଷୀଆ ନାବାଳିକାକୁ ଜଳେଶ୍ୱର ସହର ନିକଟ ରାଜପୁର ଅଂଚଳର ଜନୈକ ଯୁବକ ନେଇ ଫେରାର ହୋଇଯିବା ଅଭିଯୋଗ ହୋଇଛି । ସେହିପରି କୋର୍ଟବଜାର ଅଂଚଳରେ ଥିବା ଏକ ମହିଳା ମହାବିଦ୍ୟାଳୟରୁ ଶାନ୍ତିଆ ଅଂଚଳର ଜନୈକ ନାବାଳିକାକୁ ଜଣେ ଅଜଣା ଯୁବକ ଅପହରଣ କରିଥିବା ପରିବାର ପକ୍ଷରୁ ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଏଥିନେଇ ଦୁଇ ନାବାଳିକା ପରିବାର ବର୍ଗ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଅବ୍ୟାହତ ରଖିଥିବା ବେଳେ ପୁଲିସ୍ ସକ୍ରିୟ ଥିବା ଜଣାଯାଇଛି ।

ବିବେକାନନ୍ଦ କେନ୍ଦ୍ରରେ ଗୀତା ଜୟନ୍ତୀ

ବାଲେଶ୍ୱର,୧୬/୧୨ (ନି.ପ୍ର): ସହରର ଜେଲରୋଡ଼ସ୍ଥିତ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶାଖା ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଆଭାସିରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ଶ୍ରୀଶ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଡ଼ି ହୋଇ ଶ୍ରୀମଦ ଭଗବତ ଗୀତାର ବିଭିନ୍ନ ଦିଗ ଉପରେ ଆଲୋକପାତ ସହ ସାମାଜିକ ଜୀବନ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ବିବେକାନନ୍ଦ କେନ୍ଦ୍ର ଅଧ୍ୟକ୍ଷ ପ୍ରେମାନନ୍ଦ ପିରି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । କେନ୍ଦ୍ର ପ୍ରମୁଖ ଅଧ୍ୟାପକ ଡ. ନିରଞ୍ଜନ ଦାଶ ଏଥିରେ ସଂଯୋଜନା କରିଥିଲେ । ସମ୍ପର୍କ ପ୍ରମୁଖ ରାଧାକୃଷ୍ଣ ଆଚାର୍ଯ୍ୟ, ଅଶୋକ ସାହୁ, ନରେଶ ପାଢ଼ୀ, ଅରୁଣ ବେହେରା, ବିଶ୍ୱନାଥ ରଣା, ବିଜୟଲକ୍ଷ୍ମୀ ନାଥ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

ସିନ୍ଧିଆରେ ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର,୧୬/୧୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ସିନ୍ଧିଆ ଗ୍ରାମ ତାରିଣୀ ମନ୍ଦିରର ୩ଦିନିଆ ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଯାଇଛି । ପ୍ରଥମ ଦିନରେ କଳସ ଶୋଭାଯାତ୍ରା, ଗର୍ଭଗୃହ ଅଧିବାସ ସାଙ୍ଗକୁ ଦ୍ୱିତୀୟ ଦିବସରେ ମହାଯଜ୍ଞର ଶୁଭାରମ୍ଭ ହୋଇଥିଲା । ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ପ୍ରତିଷ୍ଠା ଉତ୍ସବର ଶେଷ ଦିନରେ ମା'ଙ୍କ ବେଶ ଦର୍ଶନ ଓ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ପରେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ମନ୍ଦିର କମିଟ ସଭାପତି ରବିନାରାୟଣ ମହାପାତ୍ର, ଉପ-ସଭାପତି ଶୁକଦେବ ସାମଲ, ଗୟାଧର ଭୂୟାଁ, ସମ୍ପାଦକ କମଲ କୁମାର ସିଂହ, କୋଷାଧକ୍ଷ ପ୍ରଶାନ୍ତ ବେହେରାଙ୍କ ସମେତ ଗଜେନ୍ଦ୍ର ଜେନା, ବିଶ୍ୱନାଥ ଖଟୁଆ, ପରେଶ ମହାନ୍ତି, ମାୟାଧର ମହାଳିକ, ପରମାନନ୍ଦ ପଣ୍ଡା, ସୁରେନ୍ଦ୍ର ମହାଳିକ, ବୀରେନ୍ଦ୍ର ଜେନା, ଲମ୍ବୋଦର ଦାଶ, କରୁଣାକର ମହାଳିକ, ଶିବପ୍ରସାଦ ମହାଳିକ, ବଂଶୀଧର ବେହେରା, କାହ୍ନୁଚରଣ ପରିଡ଼ା, ଚିନ୍ତାମଣି ମହାଳିକ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ସ୍ଥାନୀୟ ଗ୍ରାମବାସୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

ଲୋକାର୍ପିତ ହେଲା ୩୫ ଲକ୍ଷ ଟଙ୍କା କଲ୍ୟାଣ ମଣ୍ଡପ

ବାଲିଆପାଳ, ୧୬/୧୨ (ନି.ପ୍ର): ବାଲିଆପାଳ ପଂଚାୟତର ଶେଷ ବୈଠକ ହସଖୁସିରେ ସମାପ୍ତ ହୋଇଛି । ପଂଚାୟତର ସରପଂଚ, ସମିତି ସଦସ୍ୟ ସମେତ ୧୩ଟି ୱାର୍ଡର ୱାର୍ଡ ସଭ୍ୟ ସଭ୍ୟା, ଜିଆରେସ, ପିଇଓ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଏହି ଅବସରରେ ପଂଚାୟତ ପକ୍ଷରୁ ୩୫ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହୋଇଥିବା କଲ୍ୟାଣ ମଣ୍ଡପକୁ ପଂଚାୟତ ସମିତି ଅଧକ୍ଷ ବିଜନ କୁମାର ନାୟକ,ସଂରପଚ ମଧୁସୂଦନ ବାରିକ,ସମିତି ସଦସ୍ୟ ଗିରିଶ ଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଥିଲେ । ଏହି କଲ୍ୟାଣ ମଣ୍ଡପକୁ ସବୁ ବର୍ଗର ଲୋକେ ବିବାହ ବ୍ରତଓ ବିଭିନ୍ନ ସଭାକାର୍ଯ୍ୟ ପାଇଁ ସୁଲଭ ମୂଲ୍ୟରେ ବ୍ୟବହାର କରିପାରିବେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଂଚ ନସିମା ବିବି, ୱାର୍ଡ ସଭ୍ୟା ମନୋରମା ନାୟକ, ଝୁନାରାଣୀ ପାତ୍ର, ଲକ୍ଷ୍ମୀମଣି ସିଂ,ମୀନାରାଣି ଦାସ,ସୁକାନ୍ତୀ ଧଳ,ଜୟନ୍ତୀ ଧଳ, ବେଣୁଧର ପ୍ରମାଣିକ,ସନ୍ତୋଷ କୁମାର ପାତ୍ର, ମନୋରଞ୍ଜନ ଜେନା, ନିରଞ୍ଜନ ନାୟକ, ନିରଞ୍ଜନ ମଲ୍ଲିକ, ପିଇଓ କରୁଣାକର ଜେନା, ଜିଆରେସ କିଶୋର ଚନ୍ଦ୍ର ସାହୁ, ଅରୁଣ ପାତ୍ର,ଜଗନ୍ନାଥ ବାରିକ, ସାମ୍ବାଦିକ ରାଧାକୃଷ୍ଣ ସାହୁ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

ଜିଲ୍ଲାପାଳଙ୍କ ଅଫିସ ଆଗରେ ଭଂଜସେନାର ଧାରଣା

କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦାବି

ବାରିପଦା, ୧୬/୧୨ (ନି.ପ୍ର): ରିଖ ମୟୂରଭଞ୍ଜ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ତରଫରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ କରିଆରେ ଆଜି କୃଷକ ମାନଙ୍କର କଲ୍ୟାଣ ପାଇଁ ଦାବି ଉପସ୍ଥାପନ କରାଯାଇଛି । ଦାବୀ ମୁତାବକ ଗତବର୍ଷ ପ୍ରଥମ ପର୍ଯ୍ୟାୟ ରେ ମହାମାରୀ କୋରନା ଜନିତ ଲକ୍ ଡାଉନ୍ ଏବଂ ସଟ୍ ଡାଉନ୍ ଏବଂ ପୁନଃଣ୍ଟ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ କୋରନା ଲହର ପାଇଁ ମୟୂରଭଞ୍ଜର ଚାଷୀକୁଳ ପରିବାର ବିଭିନ୍ନ ଅଭାବ ଅସୁବିଧାର ସମ୍ମୁଖୀନ ହୋଇ ଅଣ୍ଟା ଭାଙ୍ଗି ଯାଇଥିଲା । ମାତ୍ର ଚଳିତ ବର୍ଷ ଚାଷୀ ପରିବାର ଅଣ୍ଟା ସଳଖିବା ପାଇଁ ଚାଷ ଉପରେ ନିର୍ଭରଶୀଳ ଥିବା ବେଳେ ବାତ୍ୟା ଜୱାଦ୍ ଏବଂ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ଆଶାକୁ ଧୂଳିସାତ୍ କରିଦେଇଛି । ଫସଲ ଅମଳ ସମୟରେ ବର୍ଷା ଓ ପବନ ଯୋଗୁଁ ବିଲରେ ଜମି ରହିଥିବା ପାଣିରେ ଗଛ ଶୋଇଯିବା ଫଳରେ ପାଚିଲା ଧାନ ଗଜା ହୋଇ ଯାଇଛି,ଏ ପରି ସ୍ଥଳେ ଚାଷୀକୁଳଙ୍କୁ ସରକାରୀ ସହାୟତା ଏକାନ୍ତ ଆବଶ୍ୟକ । ମୟୂରଭଞ୍ଜ ଜିଲ୍ଲାରେ କୌଣସି ଶିଳ୍ପ ନଥିବା ସ୍ଥଳେ ମୟୂରଭଞ୍ଜ ବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ । ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟକ ଟି ଚାଷୀ ପରିବାରଙ୍କ ସ୍ୱାର୍ଥ ପାଇଁ ଭଞ୍ଜସେନା ସଂଗଠନ ତରଫରୁ ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ବ୍ଲକର ଚାଷୀ ଭାଇଙ୍କ ସମେତ ଏକ ବିଶାଳ ଗଣଧାରଣା ପ୍ରଦର୍ଶନ କରା ଯାଇଯଥିଲା । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଉପଯୁକ୍ତ କ୍ଷତି ପୂରଣର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ ନକଲେ ଆଗାମୀ ଦିନରେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଗଠନ ର କର୍ମକର୍ତ୍ତା ମାନେ କହିଛନ୍ତି । ଆଜିର ଏହି ଗଣଧାରଣା କାର୍ଯ୍ୟକ୍ରମରେ ସଭାପତି ପିଣ୍ଟୁ ମାଇତିଙ୍କ ସମେତ ଉପାଧକ୍ଷ ନିମାଇଁ ତ୍ରିପାଠୀ, ମୁଖପାତ୍ର ଓ ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ସଂଯୋଜକ ଏସ୍.କେ ରାଜା ଖାନ୍,ବାରିପଦା ସହର ସଭାପତି ପ୍ରିତମ ପଣ୍ଡା,ଉପସଭାପତି ରାକେଶ ମହାନ୍ତି, ମୋରଡା ବ୍ଲକ ସଭାପତି ପାରିତୋଷ ବାରିକ, ଯୁବ ନେତା ବୀରେନ୍ଦ୍ର କୁମାର ନାଥ, ପଙ୍କଜ୍ କରନ୍ , ମୁକ୍ତିଦତ ପରିଡା, ମନୋରଞ୍ଜନ ସାହୁ, ଧୂର୍ଯ୍ୟେତି ଦାସ୍, ଗୁଲୁ ଦାସ୍ ପ୍ରମୁଖଙ୍କ ସମେତ ଶତାଧୀକ ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ ।

ବର୍ଷା ନ ଥାଇ ପୂର୍ତ୍ତବିଭାଗ ଡାକବଂଗଳା ଫାଟକ ରାସ୍ତା କାଦୁଅ ପଚପଚ

ଜଳେଶ୍ୱର, ୧୬/୧୨(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ସହର ମଧ୍ୟବର୍ତ୍ତି ଅଂଚଳରେ ପୂର୍ତ୍ତବିଭାଗର ଡାକବଂଗଳା ରହିଥିବା ବେଳେ ତାର ଫାଟକ ରାସ୍ତା ଦୀର୍ଘମାସ ଧରି କାଦୁଅ ପଚପଚ ରହୁଥିବାରୁ ସାଧାରଣ ଭାବେ ପୂର୍ତ୍ତକାର୍ଯ୍ୟାଳୟ ଓ ଡାକବଂଗଳାକୁ ଚାଲି ଚାଲି ଯିବା ଅସମ୍ଭବ ହୋଇ ପଡିଛି । ୫୭ ରାଜ୍ୟ ରାଜପଥ ନିକଟରେ ଡାକବଂଗଳାଟି ରହିଥିବାରୁ ଉଚ୍ଚପଦସ୍ଥ କର୍ମକର୍ତ୍ତା ଓ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ସଦାସର୍ବଦା ଗସ୍ତ ଲାଗି ରହିଥିଲେ ମଧ୍ୟ ଯାତାୟାତରେ ବାଧକ ସୃଷ୍ଟି ହେଉଛି । ଏଥିନେଇ କାହାର ବି ନିଘା ନ ଥିବା ବେଳେ ଗତ ୧୫ ତାରିଖରେ ଉଚ୍ଚ ନ୍ୟାୟାଳୟର ବିଚାରପତି ଡାକବଂଗଳାକୁ ଆସିବା ଜଣାଯିବାପରେ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲେ ମଧ୍ୟ ଫାଟକ ନିକଟରେ ଜମିଥିବା ପାଣି, କାଦୁଅକୁ ନିଷ୍କାସନ କରାଯାଇପାରିନାହିଁ । ଏହା ଜଳେଶ୍ୱର ସହରର ସୌନ୍ଦଜିକରଣର ମଧ୍ୟ ବାଧକ ସୃଷ୍ଟି ହେଉଛି । ଏପରିକି ଗାଇ, ଗୋରୁ, ଛେଳି ଏହା ମଧ୍ୟରେ ବୁଲୁଥିବା ଦେଖିବାକୁ ମିଳିଛି । ଖୁବ୍‌ଶୀଘ୍ର ଫାଟକ ନିକଟରେ ଥିବା କାଉ-କେଚର ମରାମତି କରିବା ସହିତ ଦୁର୍ଗନ୍ଧଯୁକ୍ତ ପାଣି କାଦୁଅ ନିଷ୍କାସନ କରିବାକୁ ଜଳେଶ୍ୱରର ବହୁ ବୁଦ୍ଧିଜିବୀ ବିଭାଗୀୟ ଉଚ୍ଚ ପଦସ୍ଥ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ରାଜ୍ୟ ଭାରୋତ୍ତଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କଲେ ମୀନା ସିଂ

ବାରିପଦା, ୧୬/୧୨ (ନି.ପ୍ର): ବାରିପଦା ବ୍ଲକର ବଡଯୋଡ ପଞ୍ଚାୟତର ଲଙ୍ଗଳକଟାରେ ଥିବା ଶକ୍ତିମାନ ଜିମ୍ନାସିୟମରୁ ଆର୍ନ୍ତଜାତୀୟ ଖେଳାଳି ଲକ୍ଷ୍ୟ ରଖିଛନ୍ତି ଆଉ ଜଣେ ଆଦିବାସୀ ବାଳିକା ମୀନା ସିଂ । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଖଡିଶୋଳ ପଞ୍ଚାୟତର କରଞ୍ଜିଆ ଗ୍ରାମର ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ୧୪ ବର୍ଷ ବୟସ୍କ ମୀନା ନିଜର କୋଚ ପରେଶ ଚନ୍ଦ୍ର ମହାନ୍ତଙ୍କ ଅଧୀନରେ ପ୍ରଶିକ୍ଷଣ ନେଇ ରାଜ୍ୟ ଭାରଉତୋଳନ ଚମ୍ପିଆନସିପରେ ସମସ୍ତ ରେକର୍ଡ ଭାଙ୍ଗିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ମୀନାଙ୍କ ଏପରି ପ୍ରଦର୍ଶନ ଖେଳାଳି ମାନଙ୍କୁ ଯେତିକି ଉତ୍ସାହିତ କରିଛି, ଅଫିସିଆଲ ଓ କୋଚ ମାନଙ୍କୁ ମଧ୍ୟ ସେତିକି ଆଚମ୍ବିତ କରିଛି । ଏହି କୁନି ଝିଅଟି ମଧ୍ୟରେ ଜଣେ ଉଚ୍ଚ କୋଟିର ଖେଳାଳି ହେବାର ସମସ୍ତ ଉପାଦାନ ଲୁଚି ରହି ଥିବାର ସମସ୍ତେ ହୃଦବୋଧ କରିଛନ୍ତି । ମୀନାଙ୍କୁ ଏବେ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲରେ ପ୍ରଶିକ୍ଷଣ ପାଇଁ ଆଡମିଶନ ମିଳି ଥିବାର ଜଣା ପଡିଛି । ତେବେ ମୀନାଙ୍କ ଏହି ପ୍ରଦର୍ଶନ କେବଳ ଶକ୍ତିମାନ ଜିମ୍ନାସିୟମ, ମୟୂରଭଞ୍ଜ ଜିଲ୍ଲା ଶକ୍ତି ଉତୋଳନ ସଂଘ, ମୟୂରଭଞ୍ଜ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇ ନାହିଁ ବରଂ ଜିଲ୍ଲାରୁ ଆଉଜଣେ ଆର୍ନ୍ତଜାତୀୟ ଖେଳାଳି ହେବାର ଭିତିଭୂମି ସୃଷ୍ଟି କରିଛି । ଗତ ୧୦ରୁ ୧୨ ଡିସେମ୍ବର ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଥିବା ବିଜୁ ପଟ୍ଟନାୟକ ଭାରୋତୋଳନ ହଲରେ ଆୟୋଜିତ ରାଜ୍ୟ ଭାରୋତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଦଳରେ ଶକ୍ତିମାନ ଜିମ୍ନାସିୟମର ମୀନା ସିଂ, ରବୀନ୍ଦ୍ର ହାଁସଦା, ସୂର୍ଯମଣୀ ସିଂ ଓ ରଜତ ମହାନ୍ତ ପ୍ରଭୃତି ଖେଳାଳି ଟିମ ମ୍ୟାନେଜର ଅଭିଷେକ ମହାନ୍ତଙ୍କ ଅଧକ୍ଷତାରେ ଅଂଶ ଗ୍ରହଣ କରି ଥିଲେ । ଏଥିରେ ମୀନା ସିଂ ସବ୍ ? ?ଜୁନିଅର ବର୍ଗରେ ଅଂଶ ଗ୍ରହଣ କରି ୧୨୨ କି:ଗ୍ରା: ଓଜନ ଉଠାଇ ପୂର୍ବରୁ ଏହି ବର୍ଗରେ ଥିବା ସମସ୍ତ ରେକର୍ଡ ଭାଙ୍ଗି ଦେଇଛନ୍ତି ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହି ପରି ରବୀନ୍ଦ୍ର ହାଁସଦା ସିନିୟର ବର୍ଗରେ ଅଂଶ ଗ୍ରହଣ କରି ରୌପ୍ୟ ପଦକ ହାସଲ କରିଛନ୍ତି । ଜୁନିଅର/ସିନିଅର ଯୁଗ୍ମ ବର୍ଗରେ ଅଂଶ ଗ୍ରହଣ କରି ସୂର୍ଯମଣୀ ସିଂ କାଂଶ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଶକ୍ତିମାନ ଜିମ୍ନାସିୟମର ଅନ୍ୟ ଜଣେ ଖେଳାଳି ରଜତ ମହାନ୍ତ ନିଜ ବର୍